

ଯେପରି ଜଳ ସହିତ ତୈଳ ମିଶିପାରେ ନାହିଁ, ସେହିପରି ପାପୀମାନଙ୍କ ସଂସ୍ପର୍ଶରେ ଆସିଲେ ମଧ୍ୟ ପୁଣ୍ୟାତ୍ମାମାନେ ସେମାନଙ୍କର ନିଜତ୍ୱକୁ ତ୍ୟାଗ କରିପାରନ୍ତି ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### ଟ୍ରକ୍‌ରୁ ପଡ଼ି ଚାଳକ ଆହତ: ଚିକିତ୍ସାରେ ବିଳମ୍ବ ନେଇ ଅସନ୍ତୋଷ

**କାଳିଆପାଣି,୧୬।୩(ଡିଏନଏ):** ଟାଟା ସୁକିନ୍ଦା କ୍ରୋମାଇଟ ଖଣିରେ ଚାଳକ ଏକାକୀ ଟ୍ରକ ପାଲ ବାନ୍ଧୁଥିବା ବେଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ହାତ ଭାଙ୍ଗି ଯାଇଥିଲା। ମାତ୍ର ଖଣି କର୍ତ୍ତୃପକ୍ଷ ଚିକିତ୍ସାରେ ବିଳମ୍ବ କରିବା ଯୋଗୁ ଚାଳକ ସଂଘ ପକ୍ଷରୁ ବିରୋଧ କରାଯାଇଥିବା ବେଳେ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର ଥାନାରେ ଏତଲା ଗ୍ରହଣ କରା ନ ଯିବାରୁ ଅସନ୍ତୋଷ ବୃଦ୍ଧି ପାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଶୁକ୍ରବାର କଲରଙ୍ଗୀ ଅତା ଗ୍ରାମର ମାନସ ଭଞ୍ଜଙ୍କ ଟ୍ରକ ଟାଟା କ୍ରୋମାଇଟ ଖଣିରୁ କ୍ରୋମାଇଟ ଲୋଡିଂ କରିଥିଲା। କମ୍ପାନୀ ନିୟମ ମୁତାବକ ଟ୍ରକ ଡାଲାରେ ପାଲ ବନ୍ଧା ଯାଇ ସିଲ କରିବାର ନିୟମ ରହିଛି। କମ୍ପାନୀ ପକ୍ଷରୁ ଖଣି ଭିତରକୁ ହେଲପରଙ୍କ ପ୍ରବେଶ ନିଷେଧ ଥିବାରୁ ଡ୍ରାଇଭର ଉତ୍ତରପ୍ରଦେଶ ରାଜ୍ୟର ରାଜୀବ ସିଂ (୨୮) ଏକାକି ପାଲ ବାନ୍ଧୁଥିବା ବେଳେ ଡାଲାରୁ ତଳକୁ ଖସିପଡ଼ିଥିଲେ। ତାଙ୍କ ହାତ ଭାଙ୍ଗିଯାଇଥିବା ବେଳେ ନିକଟରେ ଉପସ୍ଥିତ ଟ୍ରକ ଡ୍ରାଇଭରମାନେ ତାଙ୍କୁ ଉଦ୍ଧାର କରି ଟାଟା ମେଡିକାକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତରମାନେ ତାଙ୍କ ପ୍ରାଥମିକ ଚିକିତ୍ସା କରିବାରେ ଅସହଯୋଗ କରିଥିଲେ। ଏହାପରେ ଟ୍ରକ ମାଲିକ ମେଡିକାଲରେ ପହଞ୍ଚି ଚିକିତ୍ସା କରାଇବାରେ ସହଯୋଗ କରିଥିଲେ। ତେବେ ଏହାକୁ ନେଇ ଡ୍ରାଇଭରଙ୍କ ମଧ୍ୟରେ ଏକ ପ୍ରକାର ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ଡ୍ରାଇଭରଙ୍କ ସହ ରାଜୀବ କାଳିଆପାଣି ଥାନାରେ ପହଞ୍ଚି ହେଲପର ନ ଥିବାରୁ ଏପରି ଘଟଣାର ଶିକାର ହେଉଥିବା ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଥାନାଧିକାରୀ ଅଭିଯୋଗ ନ ରଖିବାରୁ ଚାଳକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏ ସମ୍ପର୍କରେ ଥାନାଧିକାରୀ ରମାକାନ୍ତ ମୁଦୁଲିଙ୍କୁ ପଚାରିବାରୁ, ଟ୍ରକରେ ପାଲ ବାନ୍ଧିବାକୁ କମ୍ପାନୀ ହେଲପରଙ୍କୁ ଅନୁମତି ଦେଇଥିବା ପ୍ରକାଶ କରିଥିଲେ।

### ଘରେ ଘରେ ଶଙ୍ଖ ଅଭିଯାନ

**ଯାଜପୁରରୋଡ,୧୬।୩(ନି.ପ୍ର.):** ବ୍ୟାସନଗର ବିଜେଡି ପକ୍ଷରୁ ଶନିବାର ଘରେ ଘରେ ଶଙ୍ଖ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସନଗର ବିଜେଡି ସଭାପତି ବ୍ରଜ କିଶୋର ରାଉତ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ବିଜେଡି ନେତା ଅର୍ଜୁନ ରାଉତ, ସଦାଶିବ ଦାସ, ସୁବାସ ବଳ ପ୍ରମୁଖ ବହୁ ବିଜେଡି ନେତା ଯୋଗ ଦେଇଥିଲେ। ବିଧାୟକ ଆକାଶ ଦାସନାୟକଙ୍କୁ ଟିକେଟ ଦେବା ସହ କୋରେଇରେ ବାରାମ୍ବାର ପ୍ରାର୍ଥୀ ନ ବଦଳାଇବା ପାଇଁ ମଧ୍ୟ ଦାବି କରାଯାଇଥିଲା।

### ମନ୍ଦିରରୁ ମୂର୍ତ୍ତି ଚୋରି ଅଭିଯୋଗ

**ଧର୍ମଶାଳା,୧୬।୩ (ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ଗ୍ରାମର ରାଧାକୃଷ୍ଣ ମନ୍ଦିରରୁ ଶୁକ୍ରବାର ରାତିରେ ୨ଟି ରୂପା ମୁକୁଟ ଓ ଗୋଟିଏ ସୁନା ପଦକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନୁଆଳ ଗ୍ରାମର ୱାର୍ଡସଭ୍ୟ ପ୍ରଭାତ ବେହେରା, ସଞ୍ଜୁଲତା ସେଠୀ, ଶିଶିର ଦୋରା, ନରହରି ସେଠୀ ପ୍ରମୁଖ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଧର୍ମଶାଳା ପୋଲିସ ଘଟଣାର ତଦନ୍ତ କରୁଛି।

## ଜିଲା ଯୋଗାଣ ବିଭାଗରେ ଦୁର୍ନୀତି

# ତଦନ୍ତ ନିର୍ଦ୍ଦେଶ ଦେଲା ଯୋଗାଣ ନିଗମ

**ଯାଜପୁର ଅଫିସ,୧୬।୩**

- ମାସିକ ଲକ୍ଷାଧିକ ଟଙ୍କା ବେଆଇନ ଆଦାୟ
- ତଦନ୍ତର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ଯାଜପୁର ଜିଲା ଯୋଗାଣ ବିଭାଗର ଆକାଉଣ୍ଟ ସେକ୍ସନରେ ହୋଇଥିବା ଦୁର୍ନୀତି ଯୋଗୁ ଜିଲାପ୍ରଶାସନ ଏକ ପ୍ରକାର ନିନ୍ଦିତ ହୋଇଛି। ଏହି ମର୍ମରେ ଜିଲାର ଜଣେ ସମାଜସେବୀ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତଦନ୍ତ ନିର୍ଦ୍ଦେଶ ହୋଇଛି। ଯୋଗାଣ ନିଗମର ଜେନେରାଲ ମ୍ୟାନେଜର ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୩୮୪୮/୧୩।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିର୍ଦ୍ଦେଶରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ କୌଣସି ସମୟସୀମା ଧାର୍ଯ୍ୟ ହୋଇନାହିଁ। ହାଲୁକା ଭାବେ କେବଳ ନିଜର ଦାୟିତ୍ୱ ସମ୍ପାଦନ କରାଯାଇଥିବା ମନେ ହେଉଛି। ଏପରି କି ଜିଲା ଯୋଗାଣ ବିଭାଗରେ ହେଉଥିବା ଦୁର୍ନୀତି ଘଟଣାର ତଦନ୍ତଭାର ଜିଲା ଯୋଗାଣ ଅଧିକାରୀଙ୍କୁ ଦିଆଯିବା ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ପୂର୍ବରୁ ୧୪।୨।୨୦୧୯ତାରିଖରେ ଆର୍‌ଆର୍‌ସିରେ ବେଆଇନ ଆଦାୟ ଶୀର୍ଷକ ତଥ୍ୟଭିତ୍ତିକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଯୋଗାଣ ବିଭାଗରେ ହଇଚଇ ସୃଷ୍ଟି ହେବା ସହିତ ସାଧାରଣରେ ବିଭାଗ ନିନ୍ଦିତ ହୋଇଥିଲା। ପରେ ୧।୩।୨୦୧୯ ତାରିଖରେ ସାମାଜିକ କର୍ମୀ ଅକ୍ଷୟ କୁମାର ଦାସ କେତେକ ଅତିରିକ୍ତ ଦୁର୍ନୀତି ସଂକ୍ରାନ୍ତରେ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍ମାରକପତ୍ରରେ ଯାଜପୁର ଜିଲା ଯୋଗାଣ ବିଭାଗରେ କାର୍ଯ୍ୟରତ ସହକାରୀ ମ୍ୟାନେଜର (ଆକାଉଣ୍ଟ୍ସ) ବିପିନ ବିହାରୀ ପ୍ରଧାନ ଅନେକ ବେଆଇନ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେ ନିୟୋଜିତ ମିଲର୍ସମାନଙ୍କ ପ୍ରାପ୍ୟ ପ୍ରଦାନ କରିବା ସମୟରେ ହଇରାଣ କରୁଥିବା ସହିତ ୧ପ୍ରତିଶତ ଅଧିକ ପିସି ଡିମାଣ୍ଡ କରୁଛନ୍ତି। ସମବାୟ ସମିତିରେ ମିଲର୍ସମାନଙ୍କୁ ଟ୍ୟାଗ କରିବା ସମୟରେ ନିଜ ଇଚ୍ଛାରେ ଅର୍ଥ ଦାବି କରୁଛନ୍ତି। ବିନା ଅର୍ଥରେ ସେ କୌଣସି ବିଲ୍ ପାସ୍ କରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏପରି କି ଡେଲିଭେରି ପ୍ରମାଣପତ୍ର ପାଇଁ ମିଲର୍ସମାନଙ୍କଠାରୁ କୁଇଣ୍ଟାଲ ପିଛା ୧ ଟଙ୍କା ହିସାବରେ ନିଆଯାଉଛି । ସେହିପରି ସଂଗ୍ରହ ନୀରିକ୍ଷକ(ପିଆଇ), ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟର, ଲେଭଲ-୧ ଓ ଲେଭଲ-୨ ଠିକାଦାରଙ୍କୁ ବ୍ଲାକମେଲିଂ କରି ନିଗମ ମୁଖ୍ୟକାର୍ଯ୍ୟାଳୟର ଉଚ୍ଚପଦସ୍ଥ ଅଧିକାରୀଙ୍କ ନାମରେ ମାସିକ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଛି। ଏଭଳି ଅନେକ ଦୁର୍ନୀତିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ହେଉଥିଲେ ମଧ୍ୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତ କରି ସେ ମୁକୁଳି ଯାଉଛନ୍ତି ବୋଲି ଅଭିଯୋଗ ଉଠିଛି। ପ୍ରତ୍ୟେକ ମାସରେ ଆର୍‌ଆର୍‌ସିରେ ଦେଉଥିବା ଚାଉଳ ବାବଦକୁ କୁଇଣ୍ଟାଲ ପିଛା ୧୦ ଟଙ୍କା ହିସାବରେ ମିଲର୍ସ ଓ ପରିବହନ କମ୍ପାନୀଠାରୁ ଲକ୍ଷାଧିକ ଟଙ୍କା ମାସର ପ୍ରଥମ ସପ୍ତାହରେ ଆଦାୟ ହୋଇଥାଏ। ଏଥିଯୋଗୁ ସଂପୃକ୍ତ କେତେକ କର୍ମଚାରୀ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରି କୋଟିପତି ସାଜିଥିବା କୁହାଯାଉଛି। ଏନେଇ ଏକ ସ୍ୱତନ୍ତ୍ର ଟିମ କିମ୍ବା ଭିଜିଲାନ୍ସ ଜରିଆରେ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରିବ ବୋଲି ସେ ଦାବି କରିଛନ୍ତି । ୨୦୧୭-୧୮ ବର୍ଷରେ ଆସିଥିବା ଚାଉଳ ଅତି ନିମ୍ନମାନର ହୋଇଥିବାରୁ ସଂପୃକ୍ତ ୪ ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। କିନ୍ତୁ ସେହି ମାମଲା ଦବି ଯାଇଛି। ପରୋକ୍ଷରେ ସେ ଏହିସବୁ ବେଆଇନ ଆଦାୟ ଓ କାର୍ଯ୍ୟକୁ ସୁରକ୍ଷା ଦେଉଥିବାରୁ ପ୍ରତିବର୍ଷ ଯୋଗାଣ ବିଭାଗରେ ଦୁର୍ନୀତି ବଢିବଢି ଚାଲିଛି। ଏସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତା କୁହନ୍ତି ସହକାରୀ ମ୍ୟାନେଜରଙ୍କ ନାମରେ ହୋଇଥିବା ଅଭିଯୋଗର ତଦନ୍ତ ନିଶ୍ଚିତ ଭାବେ ହେବ । ଏନେଇ ନିର୍ଦ୍ଦେଶ ମଧ୍ୟ ହୋଇଛି । ଯଦି ଅଭିଯୋଗ ଉପରେ ସତ୍ୟତା ପ୍ରମାଣିତ ହେବ ତେବେ ନିଶ୍ଚିତ ଭାବରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ଦୁର୍ନୀତି ଅଭିଯୋଗ ଆସିଥିବା ସହକାରୀ ପରିଚାଳକ(ଆକାଉଣ୍ଟସ) ବିପିନଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

### କଳଣ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ସରକାରୀ ସ୍ୱୀକୃତି

**ରସୁଲପୁର,୧୬।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅଗ୍ରଣୀ କଳଣ ସରସ୍ୱତୀ ଶିଶୁମନ୍ଦିରକୁ ସରକାରୀ ସ୍ୱୀକୃତି ମିଳିଛି। ଏ ନେଇ ସ୍ଥାନୀୟ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ଏଥିପାଇଁ ବିଦ୍ୟାମନ୍ଦିର ପକ୍ଷରୁ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କୁ ବିଦ୍ୟା ମନ୍ଦିର କାର୍ଯ୍ୟାଳୟ ଓ ପରିଚାଳନା କମିଟି ପକ୍ଷରୁ ସାଧୁବାଦ ଜଣାଯାଇଛି। ଏହି ଅବସରରେ ଆୟୋଜିତ ଏକ ବୈଠକରେ କମିଟି ସମ୍ପାଦକ ଯୋଗିନ୍ଦ୍ର ନାୟକ ସୂଚନା ପ୍ରଦାନ କରିଛନ୍ତି। ଶିଶୁ ମନ୍ଦିରର ସୁପରିଚାଳନା ଓ ସରକାରୀ ନିୟମ କାନୁନ୍‌କୁ କଡାକଡି ପାଳନ କରିଆସୁଥିବାରୁ ବିଦ୍ୟାଳୟକୁ ଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦନ ପତ୍ର ସଂଖ୍ୟା ୨୧୨୪/୦୮।୩।୨୦୧୯ରେ ସ୍ୱୀକୃତି ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଏହି ଖବରରେ ପ୍ରାନ୍ତ କମିଟି ଓ ପରିଚାଳନା କମିଟିର କର୍ମକର୍ତ୍ତା, ଅଚାର୍ଯ୍ୟାଆଚାର୍ଯ୍ୟ, ଗୁରୁମା' ଗୁରୁଜୀଙ୍କ ମଧ୍ୟରେ ଖୁସି ଦେଖାଦେଇଛି।

## ଜମାକାରୀଙ୍କ ଅର୍ଥ ହଡ଼ପ ଘଟଣା

# ଜୋନାଲ ଅଫିସ୍‌ରେ ମ୍ୟାନେଜରଙ୍କୁ ମାରାଥନ୍ ଜେରା

**ଦଶରଥପୁର,୧୬।୩(ଡିଏନ୍‌ଏ)**

**ମଙ୍ଗଳପୁର ବଜାରର କେତେଜଣେ ବ୍ୟବସାୟୀ ସାମିଲ ଥିବା ଚର୍ଚ୍ଚା**

ବ୍ୟାଙ୍କ ଆକାଉଣ୍ଟରେ କେହି ଉତ୍ତରାଧିକାରୀ ନ ଥିବା ଜଣେ ଜମାକାରୀଙ୍କ ମୃତ୍ୟୁ ପରେ ବ୍ୟାଙ୍କ ଶାଖା ପରିଚାଳକ (ମ୍ୟାନେଜର) ତାଙ୍କ ଜମାଖାତାରେ ଥିବା ଲକ୍ଷାଧିକ ଟଙ୍କା ଚଞ୍ଚକତା କରି ହଡ଼ପ କରିନେଇଥିଲେ। ଏ ନେଇ ସର୍ବପ୍ରଥମେ ଧରିତ୍ରୀରେ ଗତ ୧ତାରିଖ ଖବର ପ୍ରକାଶ ପାଇବା ପରେ ଘଟଣା ପଦାକୁ ଆସିଥିଲା। ଏହି ଘଟଣାରେ ଭୁବନେଶ୍ୱରସ୍ଥିତ ଜୋନାଲ ଅଫିସ୍‌ରୁ ଏକ ଟିମ୍ ଆସି ସମ୍ପୃକ୍ତ ମ୍ୟାନେଜରଙ୍କୁ ଶୁକ୍ରବାର ଉଠାଇ ନେବା ସହ ମାରାଥନ ଜେରା ଚଳାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ମଙ୍ଗଳପୁର ବଜାରରେ ଥିବା ଆହ୍ଲାହାବାଦ ବ୍ୟାଙ୍କରେ ଦେବଦତ୍ତ ରାୟ ନାମକ ଜଣେ ଜମାକାରୀ ତାଙ୍କ ଖାତାରେ ପ୍ରାୟ ୧୫ଲକ୍ଷ ଟଙ୍କା ଫିକ୍ସ ଡିପୋଜିଟ୍ କରିଥିଲେ। ତେବେ ଜମାକାରୀଙ୍କର ଖାତାରେ କେହି ଉତ୍ତରାଧିକାରୀ ନ ଥିଲେ। ଯାହାର ସୁଯୋଗ ନେଇ ବ୍ୟାଙ୍କ ମ୍ୟାନେଜର ନାରାୟଣ ଚନ୍ଦ୍ର ବେହେରା ଚଞ୍ଚକତା କରି ଉକ୍ତ ଜମାକାରୀଙ୍କ ଟଙ୍କାକୁ ସମ୍ପୂର୍ଣ୍ଣ ହଡପ କରିନେଇଥିବା ଜଣାପଡ଼ିଥିଲା। ସମ୍ପୃକ୍ତ ମ୍ୟାନେଜର ମଙ୍ଗଳପୁର ବଜାରର କେତେଜଣ ବ୍ୟବସାୟୀ ଓ ଜଣେ ରାଜନେତାଙ୍କ ସାହାଯ୍ୟରେ ଏହି ଅର୍ଥକୁ ମିଳିମିଶି ଲୁଟି ନେଇଥିବା ଆଲୋଚନା ହେଉଛି। ତେବେ ଜୋନାଲ ଅଫିସ୍ ଭୁବନେଶ୍ୱର ପକ୍ଷରୁ ଏକ ଟିମ୍ ଶୁକ୍ରବାର ମଙ୍ଗଳପୁର ବ୍ୟାଙ୍କ ଶାଖାରେ ପହଞ୍ଚି କେତେକ କାଗଜପତ୍ର ଜବତ କରିବା ସହ ମ୍ୟାନେଜରଙ୍କୁ ଭୁବନେଶ୍ୱର ଜୋନାଲ ଅଫିସକୁ ଉଠାଇ ନେଇଥିବା ଜଣାପଡ଼ିଛି। ସେଠାରେ ତାଙ୍କୁ ମାରାଥନ୍ ଜେରା କରିବା ସହ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ନେଇ ଜୋନାଲ ଅଫିସର ବି.ସି. କୁଣ୍ଡ ନାମକ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଘଟଣା ଉପରେ ଯଦି ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ପୋଲିସ ମିଶି ତଦନ୍ତ କରନ୍ତା ତେବେ ଏଥିରେ ସାମିଲ ଆହୁରି ଅନେକଙ୍କ ଅସଲମୁଖା ଲୋକଲୋଚନକୁ ଆସିପାରନ୍ତା ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

### ୨୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଜାତୀୟ ଆଲୋଚନାଚକ୍ର

**ଧର୍ମଶାଳା,୧୬।୩ (ଡି.ଏନ୍.ଏ.)**

ପ୍ରଥମ ଥରପାଇଁ ଗ୍ରାମାଞ୍ଚଳରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ମିଳିତ ଆନୁକୁଲ୍ୟରେ ଜାତୀୟ ଆଲୋଚନା ଚକ୍ର ଓଡିଆ ଜୀବନୀ ସାହିତ୍ୟ ଓ ଓଡିଆ ଶିଶୁ ସାହିତ୍ୟ ସମ୍ପର୍କରେ ଆଲୋଚନା ଆସନ୍ତା ୨୪ତାରିଖରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହେବ। ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଯତିନ୍ଦ୍ର କୁମାର ନାୟକ, ବିଶ୍ୱଭାରତୀ ଶାନ୍ତିନିକେତନର ପ୍ରଫେସର ମରୋରଞ୍ଜନ ପ୍ରଧାନ, ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁବାଦକ ଓ ପ୍ରାବନ୍ଧିକ ସଂଗ୍ରାମ ଜେନା, ଗବେଷକ ପ୍ରଦୀପ୍ତ କୁମାର ପଣ୍ଡା, ବର୍ଷିୟାନ ଶିଶୁସାହିତ୍ୟିକ ବଟକୃଷ୍ଣ ଓଝା, ପ୍ରଫେସର ବିଜୟ କୁମାର ଶତପଥୀ, ଶିଶୁସାହିତ୍ୟ ସ୍ରଷ୍ଟା ସୁନାମଣି ରାଉତ, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା ଅତିଥି ଓ ବକ୍ତା ଭାବେ ଯୋଗଦେବେ। ଉଭୟ ଆଲୋଚନା ସଭାରେ କେନ୍ଦ୍ରସାହିତ୍ୟ ଏକାଡେମୀ ଓଡିଶା ଆବାହକ ବିଜୟାନନ୍ଦ ସିଂ ସଭାପତିତ୍ୱ କରିବେ ବୋଲି ଗୋକର୍ଣ୍ଣିକା ସାହିତ୍ୟ ସମାଜ ଉପସଭାପତି ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ, ସୁନାକର ସାହୁ ଓ ସମ୍ପାଦକ ବିଜୟ କୁମାର ନାୟକ ସୂଚନା ଦେଇଛନ୍ତି।

## ଇଭିଏମ୍ ଓ ଭିଭିପିଏଟି ମେଶିନ

# ପ୍ରଥମ ରାଉଣ୍ଡ ଅଦଳବଦଳ ପ୍ରକ୍ରିୟା ଶେଷ



ବୈଠକରେ ଉପସ୍ଥିତ ଅଧିକାରୀ।

**ଯାଜପୁର ଅଫିସ,୧୬।୩**

ଯାଜପୁର ଜିଲା ଗୋଟିଏ ଲୋକ ସଭା ଓ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମ୍ ଓ ଭିଭିପିଏଟି ମେଶିନର ପ୍ରଥମ ରାଉଣ୍ଡ ମାଇଜେସନ(ଅଦଳବଦଳ ପ୍ରକ୍ରିୟା) ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ରାଷ୍ଟ୍ରୀୟ ସମାଜ ବିଜ୍ଞାନ କେନ୍ଦ୍ରରେ କମ୍ପ୍ୟୁଟର ମାଧ୍ୟମରେ ଏହି ର୍‍ୟାଣ୍ଡ ମାଇଜେସନ କରାଯାଇଥିଲା । ଏନ୍‌ସି କଲେଜଠାରେ କମ୍ପ୍ୟୁଟର ର୍‍ୟାଣ୍ଡ ମାଇଜେସନ ତାଲିକାର ନମ୍ବର ଅନୁଯାୟୀ ଲୋକ ସଭା ଓ ବିଧାନସଭା ପାଇଁ ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନୁଯାୟୀ ଇଭିଏମ୍ ଓ ଭିଭିପିଏଟି ମେଶିନଗୁଡିକୁ ସ୍ୱତନ୍ତ୍ର ଭାବେ ଷ୍ଟ୍ରଙ୍ଗ ରୁମ୍‌ରେ ରଖା ଯାଇଥିଲା। ନିର୍ବାଚନ ଆୟୁକ୍ତଙ୍କ ଠାରୁ ଇଭିଏମ୍ ଓ ଭିଭିପିଏଟି ମେଶିନ ଗୁଡିକ ମିଳିବାପରେ ତାହାର ଏଫ୍‌ଏଲ୍‌ସି କରାଯାଇ ନମ୍ବରଗୁଡିକୁ କମ୍ପ୍ୟୁଟରରେ ଓ ଇଭିଏମ୍ ଭିଭିପିଏଟ୍ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଥିଲା। ପରବର୍ତ୍ତୀ ର୍‍ୟାଣ୍ଡମାଇଜେସନରେ ନିର୍ବାଚନ ମଣ୍ଡଳୀର ବୁଥ୍ ଅନୁସାରେ ମେଶିନଗୁଡିକୁ ରଖାଯିବ। ଏ ସମସ୍ତ କାର୍ଯ୍ୟରେ ରାଜନୈତିକ ଦଳର କର୍ମକର୍ତ୍ତା ବା ପ୍ରତିନିଧିଙ୍କ ଉପସ୍ଥିତି ଜରୁରୀ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିବା ସହ ସେମାନଙ୍କୁ ନିର୍ବାଚନ ସମୟରେ ବିଭିନ୍ନ କାର୍ଯ୍ୟ ପାଇଁ ଆମନ୍ତ୍ରଣ କରାଯାଉଥିବା ସମୟ ଅନୁସାରେ ପହଞ୍ଚିବାକୁ ଅନୁରୋଧ କରିଥିଲେ। ଜିଲା ପ୍ରଶାସନର ଅଧିକାରୀମାନଙ୍କ ସମେତ ଭାଜପା ପ୍ରତିନିଧି ସୁଦିପ୍ତ ପଣ୍ଡା, କମ୍ୟୁନିଷ୍ଟ ପାର୍ଟିର ପ୍ରତିନିଧି ମଳୟ କୁମାର ପଣ୍ଡା, ବହୁଜନ ସମାଜ ପାର୍ଟିର ଭୀମସେନ ବେହେରା, ବିଜେଡିର ପ୍ରତିନିଧି ରମଣି ରଞ୍ଜନ ରାଉତରାୟ ପ୍ରମୁଖ ଏହି ର୍‍ୟାଣ୍ଡ ମାଇଜେସନରେ ଯୋଗ ଦେଇଥିଲେ।

## ଶିକ୍ଷିତ ବ୍ୟକ୍ତିମାନେ ହିଁ ମତଦାନ କ୍ଷେତ୍ରରେ ପଛୁଆ

# ନିଶ୍ଚିତ ମତଦାନ କରିବାକୁ ଜିଲାପାଳଙ୍କ ଅନୁରୋଧ

**ଯାଜପୁର ଅଫିସ,୧୬।୩**

ଶିକ୍ଷିତ ବ୍ୟକ୍ତିମାନେ ମତଦାନ କ୍ଷେତ୍ରରେ ପଛୁଆ। ତେଣୁ ସମସ୍ତ ଭୋଟର ଚଳିତ ନିର୍ବାଚନରେ ନିଶ୍ଚିତ ମତଦାନ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ସେ କହିଛନ୍ତି ସାଧାରଣତଃ ଦେଖାଯାଏ ଭୋଟ ଦାନ ପାଇଁ ଯେହେତୁ ସ୍ୱତନ୍ତ୍ର ଛୁଟି ଦିବସ ଭାବେ ଆୟୁକ୍ତଙ୍କ ପକ୍ଷରୁ ଘୋଷଣା କରାଯାଇଥାଏ, ତେଣୁ ଅନେକ ଏହି ଦିନକୁ ନିଜ ବ୍ୟକ୍ତିଗତ କାର୍ଯ୍ୟ ବା ମଉଜ ପାଇଁ ବ୍ୟବହାର କରିଥାନ୍ତି । ଫଳରେ ଆୟୁକ୍ତଙ୍କ ଲକ୍ଷ୍ୟ ସାଧିତ ହୋଇପାରେନା। ଶିକ୍ଷାନୁଷ୍ଠାନଗୁଡ଼ିକର ଇଏଲ୍‌ସି ବା ଇଲେକ୍ଟୋରାଲ ଲିଟେରେସି କ୍ଲବ ଗଠନ କରାଯାଇ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ, ନିଶ୍ଚିତ ମତଦାନ, ନିଜନିଜ ମଧ୍ୟରେ ସୁଦୃଢ ଗଣତନ୍ତ୍ର ପାଇଁ ଆଲୋଚନା ଇତ୍ୟାଦି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଜଣେ ପିଲାଙ୍କୁ କ୍ୟାମ୍ପସ ଆମ୍ବାସଡର ଭାବେ ମଧ୍ୟ ଚୟନ କରାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମାଧ୍ୟମରେ ସେମାନଙ୍କ ଅଭିଭାବକମାନଙ୍କୁ ମତଦାନ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଙ୍କଳ୍ପ ପତ୍ର ମଧ୍ୟ ବଣ୍ଟନ କରାଯାଇଛି। ବୁଥସ୍ତରୀୟ ଅଧିକାରୀମାନେ ଚୁନାବ ପାଠଶାଳା ମାଧ୍ୟମରେ ଭୋଟରଙ୍କୁ ଅବଗତ କରାଯାଉଛି। ବିଭିନ୍ନ ଲୋକକଳା ଯଥା ପାଲା, ଦାସକାଠିଆ, ଘୋଡାନାଚ ଇତ୍ୟାଦି ମାଧ୍ୟମରେ ମଧ୍ୟ ଲୋକଙ୍କୁ ବିବେକାନୁମୋଦିତ ନିଶ୍ଚିତ ମତଦାନ ପାଇଁ ଉତ୍ସାହିତ କରାଯାଉଛି ବୋଲି ଜିଲାପାଳ ଦାସ କହିଛନ୍ତି। ଗୋଷ୍ଠୀ ଆଲୋଚନା, ବିଭିନ୍ନ ବୈଠକ ବା ସଭାସମିତି ମାଧ୍ୟମରେ, ଜୁବଟନ ଏକ୍ସପ୍ରେସ ଓ ଭୋଟର ସଚେତନତା ରଥ, ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ, ଶୋଭାଯାତ୍ରା ଇତ୍ୟାଦି ମାଧ୍ୟମରେ ମଧ୍ୟ ଭୋଟରଙ୍କୁ ବ୍ୟାପକ ସଚେତନ କରାଯାଉଛି। ନିର୍ବାଚନ ସମ୍ପର୍କରେ ଅଧିକ ସୂଚନା, ମତାମତ, ପ୍ରତିକ୍ରିୟା କିମ୍ବା ଅଭିଯୋଗ ପାଇଁ ଟୋଲ ଫ୍ରି ନମ୍ବର ୧୯୫୦କୁ ମଧ୍ୟ କଲ କରାଯାଇପାରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି ।

## ଜୟଚଣ୍ଡୀ ମହାବିଦ୍ୟାଳୟ: କପି କରିବା ବେଳେ ଧରାପଡ଼ିଲେ ୨ ପରୀକ୍ଷାର୍ଥୀ

**ଦଶରଥପୁର,୧୬।୩(ଡିଏନ୍‌ଏ)**

ଗତ ୮ତାରିଖରୁ ଆରମ୍ଭ ହୋଇଥିବା ଯୁକ୍ତ ୨ କଳା ପରୀକ୍ଷାରେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥିତ ଦୁବକଣ ମହାବିଦ୍ୟାଳୟରେ ଶନିବାର ୨ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିବା ଜଣାଯାଇଛି। ଏହି ବ୍ଲକର ସାଧୁଗୌଡେଶ୍ୱର ମହାବିଦ୍ୟାଳୟ ଅଧୀନରେ ରହୁଥିବା ଜୟଚଣ୍ଡୀ ମହାବିଦ୍ୟାଳୟରେ ଶନିବାର ଇତିହାସ ବିଭାଗର ପରୀକ୍ଷା ଚାଲିଥିଲା। ସମ୍ପୃକ୍ତ କେନ୍ଦ୍ରରେ କପି ହେଉଥିବା ନେଇ କଣ୍ଟ୍ରୋଲରଙ୍କ ନିକଟକୁ ଫୋନ୍‌ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଏସ୍‌ଜି କଲେଜ ସ୍କ୍ୱାର୍ଡ ଟିମ୍ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ୨ଜଣ ପରୀକ୍ଷାର୍ଥୀଙ୍କୁ କପି କରିବା ବେଳେ ଧରିଥିବା ଏସ୍‌ଜି କଲେଜ ଅଧ୍ୟକ୍ଷ ଦୈତାରୀ ରାଉତ ସୂଚନା ଦେଇଛନ୍ତି।

## ଠିକାଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# କାରଖାନା ସମ୍ମୁଖରେ ଧାରଣା, କ୍ଷତିପୂରଣ ଦାବି

**କଳିଙ୍ଗନଗର,୧୬।୩(ଡି.ଏନ୍.ଏ)**



କାରଖାନା ସମ୍ମୁଖରେ ଧାରଣାରେ ବେଇଥିବା ଶ୍ରମିକ।

**ରୋହିତ ଫେରୋଟେକ୍ କାରଖାନା**

କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ରୋହିତ ଫେରୋଟେକ୍ କାରଖାନାରେ ନିୟୋଜିତ ଜଣେ ଠିକା ଶ୍ରମିକଙ୍କର ଶୁକ୍ରବାର ରାତିରେ ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ମୃତ ଠିକାଶ୍ରମିକ ହେଲେ ଯଖପୁରା ଥାନା ମାଣତିରା ପଞ୍ଚାୟତ ଅରାସାହି ଗାଁର ଲକ୍ଷ୍ମଣ ଦେହୁରୀ (୨୨)। ଲକ୍ଷ୍ମଣ ଶୁକ୍ରବାର କାରଖାନାରେ ଏ-ସିଫ୍ଟ ଡ୍ୟୁଟିରେ ଥିବାବେଳେ ହଠାତ୍ ତାଙ୍କ ଦେହ ଅସୁସ୍ଥ ଲାଗିଥିଲା। କାରଖାନା ପକ୍ଷରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କାରଖାନାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଶନିବାର ସକାଳୁ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ଓ ଶ୍ରମିକ କାରଖାନାରେ କାର୍ଯ୍ୟ ବନ୍ଦ ରଖି ମୁଖ୍ୟ ଫାଟକ ସମ୍ମୁଖରେ ମୃତଦେହକୁ ଥୋଇ ଆନ୍ଦୋଳନ କରିଥିଲେ। ଫଳରେ କାରଖାନାକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଯଖପୁରା ପୋଲିସ କାରଖାନାରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପରେ ଆଲୋଚନା ଆରମ୍ଭ ହୋଇଥିଲା। ଏଥିରେ ୧୦ନଂ ଜୋନ୍ ଜିଲାପରିଷଦ ସଭ୍ୟ ସୁଶାନ୍ତ ସାମଲ, ମାଣତିରା ସରପଞ୍ଚ ଅକ୍ଷୟ ସିଂ, କଳିଙ୍ଗନଗର ମଜଦୂର ୟୁନିୟନ ସମ୍ପାଦକ ଆଜାର ଅହମ୍ମଦ ଖାଁ, କାରଖାନାର ୟୁନିୟନ ସଭାପତି ଅର୍ଜୁନ ପରିଡା, ସମ୍ପାଦକ ପ୍ରମୋଦ ସିଂ ଏବଂ କାରଖାନା ପକ୍ଷରୁ ଭିପି ଏଚ୍‌ଆର୍ ଭରତ ମହାନ୍ତି, ବି.ସି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାରଖାନା ପକ୍ଷରୁ ମୃତକଙ୍କ ପରିବାରକୁ ଭରଣ ପୋଷଣ ପାଇଁ ୫ଲକ୍ଷ ଟଙ୍କା ଓ ମୃତଦେହ ସତ୍କାର ପାଇଁ ୬୦ହଜାର ଟଙ୍କା ଏବଂ ପରିବାରରୁ ଜଣକୁ ଠିକାଶ୍ରମିକ ଭାବେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଚୋରାମଦ ଜବତ: ୨ଗିରଫ

**ଧର୍ମଶାଳା,୧୬।୩ (ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ କାନପୁର ଓ ପାଖର ପଞ୍ଚାୟତ ବାଜବାଟି ଗ୍ରାମର ଚୋରାମଦ ବିକ୍ରି ହେଉଥିବା କ୍ୟାବିନ ଉପରେ ପୋଲିସ ଚଢାଉ କରି ଦେଶୀମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଏହି ଥାନା ଅନ୍ତର୍ଗତ କାନପୁର ଗ୍ରାମର ସୁବାଷ ମଳିକଙ୍କ ସ୍ତ୍ରୀ କୁନି ମଳିକ ଚୋରାମଦ ବିକ୍ରି କରୁଥିବା ଅଭିଯୋଗ ପାଇ ଶନିବାର ସକାଳେ ପୋଲିସ ଚଢାଉ କରିଥିଲା। ଚଢ଼ାଉ ସମୟରେ ପୋଲିସ ୨୩ବୋତଲ ଦେଶୀମଦ ଜବତ କରିବା ସହ କୁନିଙ୍କୁ ଗିରଫ କରିଥିଲେ। ସେହିପରି ପାଖର ପଞ୍ଚାୟତ ବାଜବାଟି ଗ୍ରାମର ଜିତେନ୍ଦ୍ର ଦାସଙ୍କ କ୍ୟାବିନ ଉପରେ ଶୁକ୍ରବାର ରାତିରେ ଚଢ଼ାଉ କରି ତାଙ୍କ ନିକଟରୁ ୪୦ବୋତଲ ଦେଶୀମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ଉଭୟଙ୍କ ବିରୋଧରେ ଯଥାକ୍ରମେ ୧୧୬/୧୯ ଓ ୧୧୩/ ୧୯ରେ ୨ଟି ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ବିବାଦୀୟ ଜମିରେ ପୋଖରୀ ଖନନ ମାମଲା

# ଜିଲାପାଳ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ, ଅଧିକାରୀଙ୍କୁ ନୋଟିସ

**ରସୁଲପୁର,୧୬।୩(ଡିଏନଏ)**

ରସୁଲପୁର ବ୍ଲକର ଓଡ଼ିଶୋ ପଞ୍ଚାୟତରେ ଜଳଛାୟା ବିଭାଗ ପକ୍ଷରୁ ଏକ ବିବାଦୀୟ ଜମିରେ ପୋଖରୀ ଖନନ କରାଯାଇଛି। ଉକ୍ତ ଜମିକୁ ନେଇ ମାମଲା କୋର୍ଟରେ ରହିଛି। ଏହାସତ୍ତ୍ୱେ ବିଭାଗ ଜମିଜମା ସମ୍ପର୍କିତ କାଗଜପତ୍ର ଯୋଗାଡ ନ କରି ତରବରିଆ ଭାବେ ପୋଖରୀ ଖନନ କରି ଅର୍ଥ ହଡ଼ପ କରିବାକୁ ମସୁଧା କରୁଛି। ଜମିର ସତ୍ତ୍ୱାଧିକାରୀ ବୋଲି ଦାବି କରୁଥିବା ଓଡ଼ିଶୋ ଗ୍ରାମର ଭଗବାନ ବାରିକ ସିଭିଲ କୋର୍ଟରେ ମାମଲା ଦାୟର କରିଛନ୍ତି। କୋର୍ଟ ଗୁରୁବାର ଏ ନେଇ ଯାଜପୁର ଜିଲାପାଳ, ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ, ରସୁଲପୁର ପ୍ରକଳ୍ପ ଅଧିକାରୀ ଧ୍ରୁବଚରଣ ପଣ୍ଡାଙ୍କୁ ନୋଟିସ ଜାରି କରିଛନ୍ତି । ପ୍ରକାଶ ଯେ, ଏହି ପଞ୍ଚାୟତ ନଡିଆଳି ମୌଜାରେ ଫେବୃୟାରୀ ୨୮ରେ ଜଳଛାୟା ବିଭାଗ ପକ୍ଷରୁ ପୋଖରୀ ଖନନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୋଖରୀ ଖୋଳା ଯାଇଥିବା ଜମି ବ୍ୟକ୍ତିଗତ ମାଲିକାନାରେ ରହିଛି। ଜମି ମାଲିକ ଭଗବାନ ବାରିକଙ୍କ ପୂର୍ବପୁରୁଷ ଏହି ଜମିକୁ ଦଖଲ କରିଆସୁଛନ୍ତି। ଗତ ବନ୍ଦୋବସ୍ତରେ ଭୁଲ ବଶତଃ ଜମିର କିଶମ ପରିବର୍ତ୍ତନ ହୋଇ ଆବାଦଯୋଗ୍ୟ ଅନାବାଦି କରାଯାଇଛି। ମାତ୍ର ଏହା ବିରୋଧରେ ଭଗବାନ ଯାଜପୁର ଜିଲା ସିଭିଲ କୋର୍ଟରେ ଧାରା-୮୦ ସିପିସିରେ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରି ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାରେ ସରକାର ପକ୍ଷ ରଖି ନ ଥିଲେ। ଅଭିଯୋଗକାରୀ କୋର୍ଟରେ ଏକ ମାମଲା (ନଂ-୯୧୫/୨୦୧୪) ରୁଜୁ କରିଥିଲେ। ଏଥିସହ ସାବକ ଖାତାରେ ୫.୨୫ଏକର ଜମି ରହିଛି। ଯାହାର ସରକାରୀ ମୂଲ୍ୟ ୫.୨୫ଲକ୍ଷ ଟଙ୍କା ରହିଛି। ସେହି ମୁତାବକ କୋର୍ଟ ଫି' ଦାଖଲ କରିଛନ୍ତି। ଉକ୍ତ ମାମଲା ସମ୍ପର୍କରେ କୌଣସି ଫଇସଲା ହୋଇନାହିଁ। ଏହିଭଳି ଏକ ବିବାଦୀୟ ଜମିରେ ବିଭାଗ ପକ୍ଷରୁ ପୋଖରୀ ଖନନ କରାଯାଇ ମାଟି ବିକ୍ରି କରି ଅର୍ଥ ହଡପ କରିବା ସହ ପୋଖରୀ ବାବଦକୁ ବିଲ୍ କରାଇ ସରକାରୀ ଅର୍ଥ ହଡପ କରିବାକୁ ମସୁଧା କରାଯାଉଛି। ବେଆଇନ ଓ ବଳପୂର୍ବକ ପୋଖରୀ ଖନନରେ ଅଭିଯୋଗକାରୀଙ୍କ ଅପୂରଣୀୟ କ୍ଷତି ହୋଇଛି। ଉକ୍ତ କ୍ଷତିର ଭରଣା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୋର୍ଟ ପକ୍ଷରୁ ଜାରି ହୋଇଥିବା ନୋଟିସରେ ଦର୍ଶାଯାଇଛି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶିଶୁ ସମେତ ୩ ଆହତ

**ମହାକାଳପଡା, ୧୬।୩ (ଡି.ଏନ୍.ଏ.):** ମହାକାଳପଡା ବ୍ଲକ ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ବିଜୟ ନଗର ଗ୍ରାମର ଜଗତପଡାରେ ବିଦ୍ୟୁତ୍ ତାର ଆଘାତରେ ଜଣେ ଶିଶୁଙ୍କ ସମେତ ୩ ଆହତ ହୋଇଛନ୍ତି। ସେମାନେ ହେଲେ ଏହି ପଡାର ରଜନୀ ରାଉତ(୧୮), ସମ୍ପର୍କୀୟ ଝିଆରୀ ତାନିଆ(୨) ଓ ସ୍ୱପ୍ନା ବେହେରା(୪୦)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ରଜନୀ କୌଣସି କାମରେ ତାନିଆଙ୍କୁ ସାଙ୍ଗରେ ଧରି ଜଗତପଡା ରାସ୍ତାରେ ଯାଉଥିଲେ। ଏହି ସମୟରେ ତଳେ ପଡିଥିବା ଏକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେମାନେ ସଂଜ୍ଞାହୀନ ହୋଇପଡିଥିଲେ। ନିକଟରେ ଥିବା ନଳକୂପରେ ଗାଧୋଉଥିବା ସ୍ୱପ୍ନା ଦୌଡି ଆସି ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆହତ ହୋଇଥିଲେ। କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଏବେ ସେମାନେ ଘରକୁ ଫେରିଆସିଛନ୍ତି।

### ବୃଦ୍ଧଙ୍କଠାରୁ ୮୫ହଜାର ଲୁଟ୍

**ପଟ୍ଟାମୁଣ୍ଡାଇ, ୧୬।୩ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ମହାବୀର ବଜାରରେ ଜନଗହଳୀର ସୁଯୋଗ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ଦୋଷିଆ ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୌତମ ମହାଲୀ(୬୮)ଙ୍କଠାରୁ ଦୁର୍ବୃତ୍ତମାନେ ଶନିବାର ପୂର୍ବାହ୍ନରେ ୮୫ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଅବସରପ୍ରାପ୍ତ ଶିକ୍ଷକ ମାହାଲୀ ପଟ୍ଟାମୁଣ୍ଡାଇ ଷ୍ଟେଟ ବ୍ୟାଙ୍କ ଶାଖାରୁ ପେନସନ ବାବଦ ୮୫ହଜାର ଟଙ୍କା ଉଠାଇଥିଲେ। ଏହି ଟଙ୍କା ଏକ ବ୍ୟାଗରେ ପୁରାଇ ସାଇକେଲ ଆଗରେ ଟାଙ୍ଗି ପଟ୍ଟାମୁଣ୍ଡାଇ ମହାବୀର ବଜାର ଦେଇ ଆସୁଥିଲେ। ସେଠାରୁ ଗାଡିରେ ଝିଅ ଘର ସିଙ୍ଗିରି ଯିବାକୁ ଅପେକ୍ଷା କରିଥିବା ବେଳେ ଏକ ପାନ ଦୋକାନକୁ ଯାଇ ଆସିବା ବେଳକୁ କେତେଜଣ ଦୁର୍ବୃତ୍ତ ସାଇକେଲରୁ ଟଙ୍କା ବ୍ୟାଗ୍ ନେଇ ପଳାଇଥିଲେ। ଏ ନେଇ ଅବସରପ୍ରାପ୍ତ ଶିକ୍ଷକ ମାହାଲୀ ଥାନାରେ ଅଭିଯୋଗ କରିବା ପରେ ଲୁଟେରାଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୂଚନାଯୋଗ୍ୟ, ଅନେକ ସମୟରେ ଏହି ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଉଥିବା ଲୋକମାନେ ଲୁଟ୍‌ର ଶିକାର ହେଉଥିବା ବେଳେ ପୋଲିସ କୌଣସି ଲୁଟେରାଙ୍କୁ ଅଦ୍ୟାବଧି ଗିରଫ କରିପାରନାହିଁ।

### ବିଜେଡିରେ ମୁସଲମାନ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ଦାବି

କେନ୍ଦ୍ରାପଡା ଅଫିସ, ୧୬।୩- ସାଧାରଣ ନିର୍ବାଚନରେ ମୁସଲମାନ ସମ୍ପ୍ରଦାୟର ପ୍ରାର୍ଥୀଙ୍କ ପାଇଁ ବିଜେଡିରେ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ନିମନ୍ତେ ଓଡିଶା ମୁସଲିମ ରିଜର୍ଭେସନ ମୁଭମେଣ୍ଟ ପକ୍ଷରୁ ଦାବି ହୋଇଛି। ଏନେଇ ମୁଭମେଣ୍ଟ ପକ୍ଷରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ମୁଭମେଣ୍ଟର ରାଜ୍ୟ ସଭାପତି ଡା.ସଲିମ କହିଛନ୍ତି, ରାଜ୍ୟରେ ମୁସଲମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ବାରମ୍ବାର ଦାବି ହୋଇଆସୁଛି। ଚଳିତ ନିର୍ବାଚନରେ ଲୋକସଭାରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଘୋଷଣା କରିଛି ବିଜେଡି। ଫଳରେ ଏହି ଦଳ ପକ୍ଷରୁ ଆଶାର କିରଣ ଦେଖାଇଛି। ଏହି ପରିପ୍ରେକ୍ଷୀରେ ମୁସଲମାନଙ୍କ ପାଇଁ ୨ଟି ଲୋକସଭା ଓ ୧୫ଟି ବିଧାନସଭା ପାଇଁ ନେତା ଚୟନ କରିବା ନିମନ୍ତେ ମୁଭମେଣ୍ଟ ପକ୍ଷରୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲାର ବହୁ ସଦସ୍ୟ ସାମିଲ ହୋଇଥିଲେ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଡେରାବିଶ, ୧୬।୩ (ସ୍ୱ.ପ୍ର.)** ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ସନ୍ଥପୁରା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ରାମଚନ୍ଦ୍ର ସାହୁ (୮୭)ଙ୍କର ଗୁରୁବାର ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ନହଙ୍ଗ ସରପଞ୍ଚ ଉମାକାନ୍ତ ନାୟକ, ଛୋଟି ସରପଞ୍ଚ କୁମାର ଚନ୍ଦ୍ର ବଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମରଶରୀର ଗ୍ରାମ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

■ ସ୍ୱତନ୍ତ୍ରତା ବଜାୟ ରଖିଛି ଓଡ଼ିଶା ପ୍ରସିଦ୍ଧ ଓଳକଣା ମେଳଣ

# ବ୍ରାହ୍ମ ମୁହୂର୍ତ୍ତରେ ହୁଏ ହରିହର ଭେଟ

ଡେରାବିଶ, ୧୬।୩ (ସ୍ୱ.ପ୍ର.)



ମେଳଣ ପଡ଼ିଆରେ ପୂଜା ପାଉଥିବା ବିମାନ (ଫାଇଲ ଫଟୋ) ।

ଫଗୁଣ ଶୁକ୍ଳ ପକ୍ଷ ଦଶମୀ ତିଥିରୁ ଆରମ୍ଭ ହୁଏ ଦୋଳଯାତ୍ରା। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଗୁରୁତ୍ୱ ବହନ କରୁଥିବା ଏହି ଦୋଳ ପର୍ବ ବିଭିନ୍ନ ସ୍ଥାନରେ ନିଆରା ଢ଼ଙ୍ଗରେ ପାଳନ କରାଯାଏ। ଦୋଳ ଦଶମୀଠାରୁ ପୂର୍ଣ୍ଣିମା, ହୋଲି ଓ ଯମୁନା ସ୍ନାନ ପର୍ଯ୍ୟନ୍ତ ଉତ୍ସବମୁଖର ହୁଏ ଗାଁଗଣ୍ଡା। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସାହି ସାହି ବୁଲି ଭୋଗ ଖାଇବା ଓ ଫଗୁ ଖେଳରେ କମ୍ପିଉଠେ ଗାଁ ଦାଣ୍ଡ। କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ଓଳକଣା ପଡ଼ିଆଠାରେ ଫଗୁଣ ଚତୁର୍ଦ୍ଦଶୀରୁ ଆରମ୍ଭ ହୁଏ ଓଡ଼ିଶା ପ୍ରସିଦ୍ଧ ଓଳକଣା ମେଳଣ। ଅନନ୍ୟ ପରମ୍ପରାର ପ୍ରତୀକ ଏହି ମେଳଣ ଦେଖିବାକୁ ଜିଲା ଓ ଜିଲା ବାହାରର ହଜାର ହଜାର ଶ୍ରଦ୍ଧାଳୁ ଭିଡ଼ ଜମାନ୍ତି। ଫଗୁଣ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ମିଳନ ଏହି ମେଳଣର ସ୍ୱତନ୍ତ୍ରତା।

ମେଳଣ ପରମ୍ପରା ଅନୁସାରେ, ଡେରାବିଶ ବ୍ଲକ ଅଧୀନ ରାଜନଗର ଅଞ୍ଚଳରୁ ଆଳି ରାଜାଙ୍କ ପଞ୍ଚମୁଖୀ ବିମାନରେ ରାଧାକୃଷ୍ଣ ଓ ଡେରାବିଶରୁ ଅନ୍ୟ ଏକ ବିମାନରେ ମା' ଲକ୍ଷ୍ମୀ ଆସିଥାନ୍ତି। ବିମାନ ଦ୍ୱୟ ପୂର୍ବଦ୍ୱାର ଦେଇ ପ୍ରଥମେ ମେଳଣ ପଡ଼ିଆକୁ ପ୍ରବେଶ କରି କନକବେଦୀ ଉପରେ ଉପବେଶନ କରିଥାନ୍ତି। ମା'ଲକ୍ଷ୍ମୀଙ୍କ ବେଦୀ ତଳେ ବିଭିନ୍ନ ପ୍ରକାର ଶସ୍ୟ ପୋତାଯାଇଥାଏ। କଥିତ ଅଛି ମା'ଙ୍କ ବେଦୀ ତଳୁ ଶସ୍ୟ ଗୋଟିଏ ଘରକୁ ନେଲେ ଘର ଧନଧାନ୍ୟରେ ପୂର୍ଣ୍ଣ ହୋଇଥାଏ। ଜନଶ୍ରୁତି ଆଧାରରେ ବେଦୀ ତଳୁ ଶସ୍ୟଟିଏ ପାଇବା ପାଇଁ ଚତୁଃପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାପରେ ମନ୍ଦିରର ୪ଦ୍ୱାର ଦେଇ ଅନ୍ୟ ବିମାନଗୁଡ଼ିକ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥାନ୍ତି। ମାତ୍ର କଟକ ଜିଲା ମାହାଙ୍ଗା ବ୍ଲକସ୍ଥିତ ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱର ମନ୍ଦିରରୁ ଆସୁଥିବା ବିମାନରେ ଦକ୍ଷିଣ ଦ୍ୱାର ଦେଇ ପଡ଼ିଆକୁ ପ୍ରବେଶ କରେ। ଏହାପରେ ସ୍ୱତନ୍ତ୍ର ଆଳତି କରାଯିବା ସହ ୧୦୮ ଘଣ୍ଟ ପଟୁଆର ମଧ୍ୟରେ ବିମାନକୁ ଡେରାବିଶ ବ୍ଲକ ଅରାଖଣ୍ଡସ୍ଥିତ ବିଦୁର ମନ୍ଦିର ନିକଟକୁ ନିଆଯାଇଥାଏ। ଏହି ସ୍ୱତନ୍ତ୍ର ଆଳତି ଦେଖିବାକୁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥାନ୍ତି। ନିକଟସ୍ଥ ଲଳିତଗିରି ଗ୍ରାମରୁ ଆସୁଥିବା ମୋଗଲ ଶାସକଙ୍କ ମିଶ୍ରଘର ବିମାନ ପଶ୍ଚିମ ଦ୍ୱାର ଦେଇ ପଡ଼ିଆକୁ ପ୍ରବେଶ କରିଥାଏ। ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉଦ୍ଦେଶ୍ୟରେ ଆଳି ରାଜା ଓ ଅକରପଡ଼ାର ମୋଗଲ ଶାସକ ଏହି ମେଳଣର କଳେବର ବୃଦ୍ଧି ଓ ପାରମ୍ପରିକ ବିଧିବ୍ୟବସ୍ଥାକୁ ପ୍ରତିଷ୍ଠିତ କରିଥିଲେ।

ଅନ୍ୟ ମେଳଣରେ ପ୍ରତ୍ୟେକ ବିମାନ ସମ୍ମୁଖରେ ଭୋଗ ଓ ବିଦାକି ପରମ୍ପରା ଥିବା ବେଳେ ଏଠାରେ ଏହାର ବ୍ୟତିକ୍ରମ ରହିଛି। ପ୍ରତ୍ୟେକ ବିମାନ ଉପବେଶନ କରିବା ପରେ ମାନସିକଧାରୀମାନେ ବିମାନ ସମ୍ମୁଖରେ ପଡ଼ିଥିବା ଚଦର ଉପରେ ମିଷ୍ଟାନ୍ନ ଓ ଖଇଉଖୁଡ଼ା ଭୋଗ ଅର୍ପଣ କରିଥାନ୍ତି। ଏହା ଏହି ମେଳଣର ସ୍ୱତନ୍ତ୍ର ପରମ୍ପରା। କାହିଁ କେଉଁ ଅମଳରୁ ହେଉଥିବା ଏହି ମେଳଣରେ ଆସନ୍ତା ବର୍ଷକୁ ଆସିବା ପାଇଁ ଆଳି ରାଜାଙ୍କ ପକ୍ଷରୁ ସମସ୍ତ ବିମାନକୁ ଫୁଲ ଅବିର ଦେଇ ବରଣୀ କରାଯାଇଥାଏ। କେନ୍ଦ୍ରାପଡ଼ା ଓ କଟକ ଜିଲାର ମଧ୍ୟସ୍ଥଳରେ ଅନୁଷ୍ଠିତ ଏହି ମେଳଣ ପାଇଁ ଉଭୟ ଜିଲା ପ୍ରଶାସନ ଓ ମେଳଣ ସମନ୍ୱୟ କମିଟି ପକ୍ଷରୁ ଚଳିତ ବର୍ଷ ମେଳଣକୁ ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି।

ପୌରାଣିକ ପରମ୍ପରା ଓ ଜନଶ୍ରୁତି ଅନୁସାରେ, ଡେରାବିଶ ବ୍ଲକ ଡେରାଡିହଠାରେ ପାଣ୍ଡବ ପାଞ୍ଚଭାଇଙ୍କ ଅଜ୍ଞାତବାସ ସମୟରେ ଭକ୍ତ ବିଦୁରଙ୍କ ସେବାରେ ପ୍ରସନ୍ନ ହୋଇଥିଲେ। ଫଳରେ ଫଗୁଣ ଶୁକ୍ଳ ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୂର୍ତ୍ତରେ ହରିହର ମିଳନ ଦର୍ଶନ ପାଇଁ ବରଦାନ ଦେଇଥିଲେ। ସେବେଠାରୁ ଏହି ମେଳଣ ଅନୁଷ୍ଠିତ ହୋଇଆସୁଛି।

**ମେଳଣର ନିଆରା ପରମ୍ପରା**

- ପୂର୍ବଦ୍ୱାର ଦେଇ ପଡ଼ିଆକୁ ପ୍ରବେଶ କରନ୍ତି ଆଳି ରାଜାଙ୍କ ୨ ବିମାନ
- ୮ ବିମାନ ଆଗରେ ପଡ଼ିଥିବା ଚାଦର ଉପରେ ଭୋଗ ଅର୍ପଣ କରନ୍ତି ଶ୍ରଦ୍ଧାଳୁ

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୩।୨୦୧୯ (ରବିବାର)**

■ ପାଇକା ଉତ୍ସବର ଚତୁର୍ଥ ସନ୍ଧ୍ୟା
**ସ୍ଥାନ–** ପୋଡାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ **ସମୟ–** ସନ୍ଧ୍ୟା ୬ଟା

■ ସରକାର ଇ ଦୋଆଲମ ସମ୍ମିଳନୀ
**ସ୍ଥାନ–** ଚଉରୀବରହମପୁର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୮।୩।୨୦୧୯ (ସୋମବାର)**

■ ପାଇକା ଉତ୍ସବର ପଞ୍ଚମ ସନ୍ଧ୍ୟା
**ସ୍ଥାନ–** ପୋଡାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, **ସମୟ–** ସନ୍ଧ୍ୟା ୬ଟା

■ ସରକାର ଇ ଦୋଆଲମ ସମ୍ମିଳନୀ
**ସ୍ଥାନ–** ଚଉରୀବରହମପୁର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

■ ବ୍ଲକ ଅଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା
**ସ୍ଥାନ–** ବ୍ଲକ କାର୍ଯ୍ୟାଳୟ, ଗରଦପୁର, **ସମୟ–** ପୂର୍ବାହ୍ନ ୧୦ଟା

■ ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ମଲ୍ଲିକଙ୍କ ସ୍ମୃତିସଭା
**ସ୍ଥାନ–** ପ୍ରେସ କ୍ଲବ, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

**୧୯।୩।୨୦୧୯ (ମଙ୍ଗଳବାର)**

■ ପାଇକା ଉତ୍ସବର ଷଷ୍ଠ ସନ୍ଧ୍ୟା
**ସ୍ଥାନ–** ପୋଡାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, **ସମୟ–** ସନ୍ଧ୍ୟା ୬ଟା

**୨୦।୩।୨୦୧୯ (ବୁଧବାର)**

■ ପାଇକା ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟା
**ସ୍ଥାନ–** ପୋଡାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, **ସମୟ–** ସନ୍ଧ୍ୟା ୬ଟା

**୨୧।୩।୨୦୧୯ (ଗୁରୁବାର)**

■ ଦୋଳ ପୂର୍ଣ୍ଣିମା ଉପଲକ୍ଷେ କାର୍ଯ୍ୟକ୍ରମ
**ସ୍ଥାନ–** ଶ୍ରୀ ଗୋବିନ୍ଦଜୀଉ, ଚାଟରାପାଟଣା, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୬ଟା

**୨୨।୩।୨୦୧୯ (ଶୁକ୍ରବାର)**

■ ଦୋଳ ପୂର୍ଣ୍ଣିମା ଉପଲକ୍ଷେ କାର୍ଯ୍ୟକ୍ରମ
**ସ୍ଥାନ–** ଶ୍ରୀ ଗୋବିନ୍ଦଜୀଉ, ଚାଟରାପାଟଣା, କେନ୍ଦ୍ରାପଡା, **ସମୟ–** ସନ୍ଧ୍ୟା ୬ଟା

**୨୩।୩।୨୦୧୯ (ଶନିବାର)**

■ ବ୍ଲକ ଅଞ୍ଚଳ ଉନ୍ନୟନ କାର୍ଯ୍ୟ ସମୀକ୍ଷା
**ସ୍ଥାନ–** ବ୍ଲକ କାର୍ଯ୍ୟାଳୟ, ମହାକାଳପଡା, **ସମୟ–** ପୂର୍ବାହ୍ନ ୧୦ଟା

■ ବିଶ୍ୱ ଜଳ ଦିବସ ପାଳନ
**ସ୍ଥାନ–** କଂସାର, କେନ୍ଦ୍ରାପଡା, **ସମୟ–** ପୂର୍ବାହ୍ନ ୧୦ଟା

■ ଅଳିଆପୂର୍ଣ୍ଣ ଯୋଗୁ ବଢ଼ୁଛି ଜନଅସନ୍ତୋଷ

# ସମାବେଶ ପରଠୁ ସଫା ହୋଇନି ପଡ଼ିଆ

**କେନ୍ଦ୍ରାପଡା ଅଫିସ, ୧୬।୩**



ସମାବେଶ ହୋଇଥିବା ପଡ଼ିଆରେ ପଡ଼ି ରହିଥିବା ଅଇଁଠା ପତ୍ର।

କେନ୍ଦ୍ରାପଡା ବ୍ଲକ ବାରୁଅସ୍ଥିତ ସିଦ୍ଧମଠ ପଡ଼ିଆରେ ରାଜ୍ୟ ସରକାରଙ୍କ ପକ୍ଷରୁ ଫେବୃଆରୀ ୧୫ରେ କାଳିଆ ସମାବେଶ ଓ ମାର୍ଚ୍ଚ ୧୦ ତାରିଖରେ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା । ମାତ୍ର ସମାବେଶ ପରେ ଏହି ସ୍ଥଳକୁ ସଫା କରାଯାଇନାହିଁ। ଫଳରେ ଏହା ଏବେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଯାଇଛି । ଏନେଇ ଚାଷୀ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଏହି ୨ ସମାବେଶ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୪୭ ଏକର କ୍ଷେତ ଜମି ସହ ସିଦ୍ଧ ମଠ ପଡିଆକୁ ବ୍ୟବହାର କରାଯାଇଥିଲା । ପ୍ରାୟ ୧୫ ଏକର କ୍ଷେତ ଜମି ଉପରେ କାର୍ପେଟ ବିଛା ଯାଇ ଥଣ୍ଡା ବୋତଲ ଠିପି ଉପରେ ୩ ଇଞ୍ଚ ଲମ୍ବ କଣ୍ଟା ବାଡିଆ ହୋଇଥିଲା । କାର୍ପେଟ କଢ଼ାଯିବା ପରେ କ୍ଷେତରେ ଏହି କଣ୍ଟା ରହିଥିବା ଚାଷୀ ହରେକୃଷ୍ଣ ବେହେରା, ଉମେଶ ଚନ୍ଦ୍ର ସାମଲ ଓ ହରିହର ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି । ଫଳରେ ଆଗାମୀ ଚାଷ ସମୟରେ ଏହି ଲୁହା କଣ୍ଟା ଚାଷୀ ଓ ଗାଈଗୋରୁଙ୍କ କ୍ଷତି କରିବ ବୋଲି ସେମାନେ ଆଶଙ୍କାବ୍ୟକ୍ତ କରିଛନ୍ତି। ସେହିପରି ଏହି ୨ ସମାବେଶରେ ପ୍ରାୟ ଦୁଇ ଲକ୍ଷ ଜନ ସମାବେଶ ହୋଇଥିଲା। ସେମାନେ ବ୍ୟବହାର କରିଥିବା ପ୍ଲାଷ୍ଟିକ ଓ ଅନ୍ୟାନ୍ୟ ସାମଗ୍ରୀ ସମାବେଶ ସ୍ଥଳରେ ପଡି ରହିଛି। ଲୋକେ ଖାଇଥିବା ପତ୍ରଗୁଡିକ ସେଠାରେ ରହି ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ସେହିପରି ସମାବେଶ ସମୟରେ ବଳି ଯାଇଥିବା ଖାଦ୍ୟଗୁଡିକ ଏଠାରେ ରହି ନଷ୍ଟ ହୋଇଯାଇଛି। ଫଳରେ ଏହି ସ୍ଥାନରୁ ଦୁର୍ଗନ୍ଧ ବାହାରୁଛି। ତୁରନ୍ତ ଏହି ଅଳିଆ ହଟାଇବା ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଚୋରା କିରୋସିନ, ଡିଜେଲ ଜବତ: ୩ ଗିରଫ

**ରାଜନଗର, ୧୬।୩ (ଡି.ଏନ୍.ଏ.)** ରାଜନଗର ବ୍ଲକ ତାଲଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ବେଧଡ଼କ ଭାବେ କିରୋସିନି ଓ ଡିଜେଲ ଚୋରା କାରବାର ଚାଲିଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ତାଲଚୁଆ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ଏକ ଟିମ୍ ତାଲଚୁଆ ବଜାରସ୍ଥିତ ବିଭିନ୍ନ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ବଜାରର ଶୁକଦେବ ମଣ୍ଡଳଙ୍କ ଦୋକାନରୁ ୯୦ ଲିଟର କିରୋସିନ ଓ ୬୦ ଲିଟର ଡିଜେଲ ଜବତ କରାଯାଇଛି। ଏଥିସହ ପୋଲିସ ଶୁକଦେବଙ୍କ ସମେତ ତାଙ୍କ ଭାଇ ସୁକୁମାର ମଣ୍ଡଳଙ୍କୁ ଗିରଫ କରି ପଚରାଉଚୁରା କରୁଥିଲା। ଏହି ସମୟରେ କୃଷ୍ଣନଗର ଗ୍ରାମର ଆଲୋକ ଖମାରି ସେମାନଙ୍କୁ ଚୋରାରେ କିରୋସିନ ଦେଉଥିବା କହିଥିଲେ। ପୋଲିସ ଆଲୋକଙ୍କ ଘର ଉପରେ ଚଢ଼ାଉ କରି ଆଲୋକଙ୍କୁ ଗିରଫ କରିଥିବା ବେଳେ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱହିନ୍ଦୁ ପରିଷଦ ବୈଠକ

**ପଟ୍ଟାମୁଣ୍ଡାଇ, ୧୬।୩ (ସ୍ୱ.ପ୍ର)**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏକ ବୈଠକ ଚଉଦକୁଲାଟସ୍ଥିତ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ସମ୍ପାଦକ ପ୍ରତାପ ଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ସହ ସଂଯୋଜକ ସରୋଜ ପଣ୍ଡା, ଅଜିତ ମଲିକ, ପ୍ରମୋଦ ମଲିକ, ଶତ୍ରୁଘ୍ନ ସେଠୀ, ଜ୍ୟୋତିରଞ୍ଜନ ବିଶ୍ୱାଳ, ପ୍ରମୋଦ ମଲିକ, ପ୍ରଭୁଦତ୍ତ ଦାସ, ଚିରଞ୍ଜିବି ମହାନ୍ତି ପ୍ରମୁଖ ଯୋଗଦେଇ ବିଶ୍ୱହିନ୍ଦୁ ପରିଷଦ ସଂଗଠନ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ବିଭିନ୍ନ ସମୟରେ ଉପୁଜୁଥିବା ସମସ୍ୟାଗୁଡିକର ସମାଧାନ ସହିତ ସ୍ୱାସ୍ଥ୍ୟସେବା, ଗମନାଗମନ, ଶିକ୍ଷା, କୃଷି ବିଶେଷ କରି ଜଳସେଚନ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ପରିଷଦର ସଦସ୍ୟମାନେ ପଦକ୍ଷେପ ନେବେ ବୋଲି ବୈଠକୀରେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ନିର୍ବାଚନରେ ଜିଲା ବିଶ୍ୱହିନ୍ଦୁ ପରିଷଦ ନିର୍ଦ୍ଦେଶରେ କାର୍ଯ୍ୟ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ଅଜିତ ଶର୍ମା, ଅଶୋକ ପାତ୍ର, ଶାନ୍ତନୁ ମଲିକ, ପ୍ରକାଶ ଜେନା, ସମୀର ଜେନା, ମହେଶ୍ୱର ମାହାର, ସିନୁ ସେଠୀ, କାଳନ୍ଦୀ ସାହୁ, ଅଭିନ୍ନ ମଲିକ, ମନୋଜ ମଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉପେନ୍ଦ୍ର ମଲିକ ଧନ୍ୟବାଦ ଦେଇଥିଲେ।

## ଟେଲିଫୋନ ଟାୱାର ବ୍ୟାଟେରି ହାଉସ୍ ଜଳିଗଲା

**ରାଜନଗର,୧୬।୩ (ଡି.ଏନ୍.ଏ.)**

ରାଜନଗର ବ୍ଲକର ଗୁପ୍ତିଠାରେ ଥିବା ଏକ ଟେଲିଫୋନ ଟାୱାର ବ୍ୟାଟେରୀ ହାଉସ ଶନିବାର ନିଆଁ ଲାଗି ଜଳିଯାଇଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା ବେଳେ ପ୍ରାୟ ଏକ ଘଣ୍ଟା ଧରି ଉକ୍ତ ଗୃହ ଜଳିଥିଲା। ଖବରପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ବହୁ ଯନ୍ତ୍ରାଂଶ ପୋଡ଼ିଯାଇଛି। ସର୍ଟ ଶର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ଏଥିରେ କେହି ମୃତାହତ ହୋଇନାହାନ୍ତି।

## ଜୁନ୍‌ରେ ରାଜନୈତିକ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡା ଅଫିସ, ୧୬।୩

ସହରର ଦୀନବନ୍ଧୁ ସାହୁ 'ଲ' କଲେଜରେ ଭାଗବତ–କଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ ଆସନ୍ତା ଜୁନରେ ରାଜନୈତିକ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଟ୍ରଷ୍ଟ ପକ୍ଷରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। 'ଲ' କଲେଜ ସଭାପତି ଭାଗବତ ପ୍ରସାଦ ମହାନ୍ତି ଏ ସମ୍ପର୍କରେ କହିଛନ୍ତି ଯେ, ପ୍ରଶିକ୍ଷଣର ଉଦ୍ଦେଶ୍ୟ ହେଉଛି ସମାଜରେ ମୂଲ୍ୟବୋଧଭିତ୍ତିକ ରାଜନୈତିକ ଅଂଶଗ୍ରହଣ। ଏଥିରେ ସରକାର ଗଠନ, କାର୍ଯ୍ୟ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯିବ। ବିଲ୍ ଉପସ୍ଥାପନ, ନିର୍ବାଚନ ପ୍ରକ୍ରିୟା, ବଜେଟ ପ୍ରସ୍ତୁତି ଆଦିକୁ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଛି । ଫଳରେ ଯୁବପିଢ଼ି ଏନେଇ ସଚେତନ ହୋଇପାରିବେ। ସମ୍ମିଳନୀରେ ଅଧ୍ୟକ୍ଷ ନରହରି ଲେଙ୍କା, ଡ. ଚିରଞ୍ଜୀବୀ ପଣ୍ଡା, ଟ୍ରଷ୍ଟି ଗୁରୁପ୍ରସାଦ ମହାନ୍ତି, ସୁଧାଂଶୁ ଶେଖର ପ୍ରତାପ, ସୁଶୀଳ କୁମାର ସାମଲ ସାମିଲ ହୋଇଥିଲେ ।

## ବିଜେଡି କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ।

**ରାଜନଗର, ୧୬।୩ (ଡି.ଏନ୍.ଏ.)**

ରାଜନଗର ବ୍ଲକ କେରୁଆପାଳ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେରୁଆପାଳ ପଞ୍ଚାୟତ ବିଜେଡି ସଭାପତି ଶୁକଦେବ ପ୍ରଧାନଙ୍କ ପୌରୋହିତ୍ୟରେ ଏହି ସମ୍ମିଳନୀ ଓ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ତଥା ରାଜନଗର ନିର୍ବାଚନମଣ୍ଡଳୀ ନେତା ଧ୍ରୁବ ସାହୁ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ୩୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସେଠୀ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁଦର୍ଶନ ଦାସ, ବରିଷ୍ଠ ନେତା ଲକ୍ଷ୍ମୀଧର ବାରିକ, ଗଣେଶ ଚନ୍ଦ୍ର ଗୁଡ଼ିଆ, ନରହରି ଜେନା, ବଳରାମ ମଣ୍ଡଳ, କେରୁଆପାଳ ସରପଞ୍ଚ ସପନ ପରିଡ଼ା, ସମିତିସଭ୍ୟା ମାଧବୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

■ ନିର୍ବାଚନରେ ମତ୍ସ୍ୟଜୀବୀଙ୍କ ସମସ୍ୟା ପାଲଟିବ ପ୍ରସଙ୍ଗ

# ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ କଟକଣାକୁ ବିରୋଧ କରାଯିବ

**କେନ୍ଦ୍ରାପଡା ଅଫିସ, ୧୬।୩**

- ୩୫ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ବସବାସ କରୁଛନ୍ତି
- କଟକଣା ଯୋଗୁ ଆର୍ଥିକ କ୍ଷତି ସହିବାକୁ ପଡୁଛି

ଏପ୍ରିଲ ୨୯ରେ କେନ୍ଦ୍ରାପଡା ଜିଲାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ରାଜନୈତିକ ଦଳର ନେତାମାନେ ଚଳଚଞ୍ଚଳ ହୋଇପଡିଛନ୍ତି। ସ୍ଥାନୀୟ ଅଞ୍ଚଳର ସମସ୍ୟା ସମାଧାନ ପାଇଁ ନେତାମାନେ ପ୍ରତିଶ୍ରୁତି ଦେଉଛନ୍ତି । ତେବେ ଏହି ନିର୍ବାଚନରେ ଜିଲାର ଉପାନ୍ତ ଅଞ୍ଚଳ ମହାକାଳପଡା ଓ ରାଜନଗରରେ ମତ୍ସ୍ୟଜୀବୀ ଓ ବନାଞ୍ଚଳ ସମସ୍ୟା ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଆଲୋଚନା ହେଉଛି। ଏଠାକାର ଅଧିକାଂଶ ବନାଞ୍ଚଳ ଓ ସାମୁଦ୍ରିକ ଅଞ୍ଚଳ ରହିଛି। ସାମୁଦ୍ରିକ ଜୀବଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବହୁ ସମୟରେ ସମୁଦ୍ରରେ ପ୍ରବେଶ ଉପରେ ନିଷିଦ୍ଧାଦେଶ ଜାରି କରାଯାଉଛି। ଫଳରେ ମତ୍ସ୍ୟଜୀବୀମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ସେହିପରି ଦୀର୍ଘଦିନ ଧରି ବନାଞ୍ଚଳରେ ରହି ଆସିଥିବା ଅଧିବାସୀ ଜଙ୍ଗଲ ଜମିର ଅଧିକାର ଦାବି କରୁଛନ୍ତି। ଏ ସମ୍ପର୍କରେ ମତ୍ସ୍ୟଜୀବୀ ନେତା ଅର୍ଜୁନ ମଣ୍ଡଳ କୁହନ୍ତି, ଜିଲାର ସମୁଦ୍ର ତଟାଞ୍ଚଳରେ ୩୫ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ବସବାସ କରୁଛନ୍ତି । ସ୍ୱାଧୀନତାର ୭୨ ବର୍ଷ ପରେ ମଧ୍ୟ ଏହି ଅଞ୍ଚଳକୁ ପାନୀୟ ଜଳ ଯୋଗାଣ ହେଉନାହିଁ । ବହୁ ଗ୍ରାମକୁ ସଡ଼କ ପଥ ନାହିଁ । ଏଥିସହ ସେତୁ ନିର୍ମାଣ ହେଉ ନ ଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ ସେବା ମିଳିପାରୁନାହିଁ। ଉଚ୍ଚ ଜୁଆର ଆସିଲେ ଗ୍ରାମ ମଧ୍ୟକୁ ପାଣି ପଶି ଆସୁଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗମନାଗମନ ସୁବିଧା ନ ଥିବାରୁ ସରକାରୀ ଓ ବେସରକାରୀ ସାହାଯ୍ୟ ପାଇବାରୁ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ଏବେ ଖଳିନାସୀରେ ବୋଟ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ତେବେ ଏହି ବୋଟ ସୀମିତ ଅଞ୍ଚଳ ପାଇଁ ରଖାଯାଇଛି । ସେହିପରି ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ନଭେମ୍ବରରୁ ମେ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ପ୍ରବେଶ ଉପରେ ନିଷେଧାଦେଶ ଜାରି କରାଯାଉଛି । ଫଳରେ ଜୀବନ ଜୀବିକା ବ୍ୟାହତ ହେଉଛି । ବନ ବିଭାଗ ପକ୍ଷରୁ ଘର ଉଠାଇବା ପାଇଁ ବାରମ୍ବାର ନୋଟିସ ହେଉଛି । ଏସବୁ ସମସ୍ୟାର ସମାଧାନ ନ ହେଲେ ମତ୍ସ୍ୟଜୀବୀ ଏକତ୍ର ହୋଇ ଭୋଟ ଦେବା ସମ୍ପର୍କରେ ଚିନ୍ତା କରିବେ ବୋଲି ସେ କହିଛନ୍ତି । ସେହିପରି ମତ୍ସ୍ୟଜୀବୀ ଗଣେଶ ମଣ୍ଡଳ କୁହନ୍ତି,ନିଷିଦ୍ଧାଞ୍ଚଳରୁ ମାଛ ମାରିବା ଅଭିଯୋଗରେ ଫେବୃଆରୀ ୧୫ରେ ବଡିଘର ପଞ୍ଚାୟତର ୬ ଜଣଙ୍କୁ ବନବିଭାଗ ପକ୍ଷରୁ ଧରି ନିଆଯାଇଥିଲା। ଏବେ ସେମାନଙ୍କୁ ଛାଡି ଦିଆଯାଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହେଉନାହିଁ। କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲାର ମତ୍ସ୍ୟଜୀବୀଙ୍କ ପାଇଁ ବନ ବିଭାଗ ପକ୍ଷରୁ ଯେଉଁ କଟକଣା ଜାରି କରାଯାଇଛି ବାହାର ମତ୍ସ୍ୟଜୀବୀଙ୍କ ଉପରେ ଏହାକୁ ଲାଗୁ କରାଯାଉନାହିଁ। ଏହି ଦୁଇ ଜିଲା ବ୍ୟତୀତ ବାହାର ଅଞ୍ଚଳର ଟ୍ରଲର ବୋଟ ଚଳାଚଳ ଉପରେ ଏଠାରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆସନ୍ତା ନିର୍ବାଚନରେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ହଳଧର ସେଠୀ କୁହନ୍ତି, ଜିଲାରେ ଥିବା ମତ୍ସ୍ୟଜୀବୀଙ୍କ ସମସ୍ୟା ଏବେ ଉତ୍କଟ ହୋଇଛି । ବିଭିନ୍ନ ସମୟରେ କଟକଣା ଜାରି କରାଯାଉଥିବା ବେଳେ ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ । ଭାଜପା ନେତା ଅଲେଖ ଜେନା କୁହନ୍ତି, ମହାକାଳପଡା ଓ ରାଜନଗର ଅଞ୍ଚଳରେ ଥିବା ମତ୍ସ୍ୟଜୀବୀଙ୍କ ଭୋଟ ସାଧାରଣ ନିର୍ବାଚନକୁ ପ୍ରଭାବିତ କରିବ। ଏହି ସମସ୍ୟା ସମାଧାନ ପାଇଁ ବାରମ୍ବାର ଆନ୍ଦୋଳନ ହେଉଥିଲେ ମଧ୍ୟ ରାଜ୍ୟ ସରକାର ଏହାର ସମାଧାନ କରୁନାହାନ୍ତି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ କୁହନ୍ତିଯେ, ତଟାଞ୍ଚଳ ଗ୍ରାମବାସୀଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଗମନାଗମନ ପାଇଁ ରାସ୍ତା ଓ ସେତୁ ନିର୍ମାଣ କରିଛନ୍ତି। ସେହିପରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଓଡିଶାରେ ପ୍ରଥମ ଥର ପାଇଁ ବୋଟ ସେବା ମହାକାଳପଡାରେ ଆରମ୍ଭ ହେଉଛି। ଏହାଛଡା ଜଙ୍ଗଲ ଜମି ସମସ୍ୟାର ସମାଧାନ କରିବାକୁ ସରକାରଙ୍କ ପକ୍ଷରୁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି।

# ଆଶା ଆଶଙ୍କାରେ ଆଶାୟୀ

**ପାରାଦୀପ, ୧୬।୩(ସ୍ୱ.ପ୍ର.)**

**ପାରାଦୀପ ନିର୍ବାଚନମଣ୍ଡଳୀ**
- କାହାକୁ ଟିକେଟ ମିଳିବ, କିଏ କେଉଁ ଦଳରୁ ଲଢ଼ିବ କହିବା କଷ୍ଟ
- କର୍ମୀ ଓ ନେତା ସମସ୍ତେ ଦ୍ୱନ୍ଦ୍ୱରେ
- ଦଳବଦଳ ରାଜନୀତିକୁ ନେଇ ଚର୍ଚ୍ଚା

ନିର୍ବାଚନ ତାରିଖ ଘୋଷଣା ପରଠାରୁ ପାରାଦୀପ ନିର୍ବାଚନମଣ୍ଡଳୀରେ ପ୍ରାର୍ଥିତ୍ୱ ଏବଂ ଦଳ ପରିବର୍ତ୍ତନ ରାଜନୀତିକୁ ନେଇ ଭୋଟର ଏବଂ କର୍ମୀ ଦ୍ୱନ୍ଦ୍ୱରେ ଅଛନ୍ତି। ୩ ଦଳ ଭାଜପା, ବିଜେଡି ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ଟିକେଟ ପାଇଁ ଲବିରେ ବ୍ୟସ୍ତ। ଅଦ୍ୟାବଧି ୩ ଦଳର ସ୍ପଷ୍ଟ ଚିତ୍ର କାହା ସପକ୍ଷରେ ନାହିଁ। ଅର୍ଥାତ କିଏ ପ୍ରାର୍ଥୀ ହେବ ତାହାର ଉତ୍ତର କାହା ପାଖରେ ନାହିଁ। ସେହିପରି କିଏ କେତେବେଳେ କେଉଁ ଦଳରେ ମିଶିବ ତାହା ମଧ୍ୟ କହିହେଉନାହିଁ। କାରଣ କାଲି ଯାହାକୁ ଚୋର, ତସ୍କର ବୋଲି କହି ନେତାମାନେ ତିରସ୍କାର କରୁଥିଲେ, ଆଜି ତାଙ୍କୁ ପରମ ବନ୍ଧୁ ବୋଲି ସମ୍ବୋଧନ କରୁଛନ୍ତି। ୫ବର୍ଷରେ ନିର୍ବାଚନ ଋତୁ ଆସିବା ସହ ନେତାଙ୍କ ଅସଲ ରୂପ ପଦାକୁ ଆସୁଛି। ଏମିତି ଅନେକ ଆଲୋଚନା ଏବେ ପାରାଦୀପ ନିର୍ବାଚନମଣ୍ଡଳୀର ସବୁ ଖଟିରେ ଚାଲିଛି। ଏସବୁ ଖଟିରୁ ଆରମ୍ଭ କରି ସୋସିଆଲ ମିଡ଼ିଆ ପର୍ଯ୍ୟନ୍ତ ସବୁଠି ରୋଚକ ଆଲୋଚନା ଓ ବ୍ୟକ୍ତିଗତ ଆକ୍ଷେପ, ପ୍ରତିଆକ୍ଷେପ ଚାଲିଛି। କେତେଜଣ ନେତାଙ୍କୁ ନିଶ୍ଚିତ ଆଗାମୀ ଭବିଷ୍ୟତ, ବିକାଶ ପୁରୁଷ ଆଦି ଶବ୍ଦରେ ଅଭିହିତ କରାଯାଉଛି। ଏମିତି କି ୩ ଦଳର ଆଶାୟୀମାନେ ସେମାନଙ୍କ ଟିକେଟ ସୁନିଶ୍ଚିତ ବୋଲି ସମର୍ଥକଙ୍କ ମାଧ୍ୟମରେ ପ୍ରଚାର କରାଉଛନ୍ତି। କିନ୍ତୁ ବାସ୍ତବରେ ପ୍ରମୁଖ ଆଶାୟୀ ପ୍ରାର୍ଥୀମାନେ ନିଜ ସ୍ଥିତି ନେଇ ସନ୍ଦେହରେ ଅଛନ୍ତି। ଆସନ୍ତା ମାସ ୨ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ପାଇଁ ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି।

ତେଣୁ ଦିନ ଯେତିକି ପାଖେଇ ଆସୁଛି, ଉପକୂଳ ଓଡ଼ିଶାର ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରେ ଏବେ ଭାଜପାରେ ଯୋଗଦେଇଛନ୍ତି। ସେପଟେ ଦାମଙ୍କୁ ବହିଷ୍କାର କରିବା ପରଠାରୁ ବିଜେଡି କାହାକୁ ପାରାଦୀପର ନେତୃତ୍ୱ ଦେଇନାହିଁ। ପ୍ରାଥମିକ ପର୍ଯ୍ୟାୟରେ ୩ ନେତାଙ୍କ ଦାୟିତ୍ୱରେ ଜଗତ୍ସିଂହପୁର ଜିଲା ଥିଲା। ସେମାନେ ହେଲେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରତାପ ଜେନା ଓ ପ୍ରଶାନ୍ତ ମୁଦୁଲି। ଏହି ୩ ନେତାଙ୍କ ଦାୟିତ୍ୱରେ ଦଳୀୟ କାର୍ଯ୍ୟକ୍ରମ ଚାଲିଥିବାବେଳେ ହଠାତ୍ ବିଧାୟକ ଦେବାଶିଷ ସାମନ୍ତରାୟ ଆବିର୍ଭାବ ହୋଇଥିଲେ। ସେ ମଧ୍ୟ ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଉପସ୍ଥିତି ଜାହିର କରିଥିଲେ। ଏହି କ୍ରମରେ ଦଳରେ ଏକାଧିକ ଗୋଷ୍ଠୀ ବାହାରିଛନ୍ତି। ଏବେ କିନ୍ତୁ ୧୫ ଦିନ ହେଲା ଆଉ ଦେବାଶିଷ ବିଶେଷ ସକ୍ରିୟ ଥିବା ଦେଖିବାକୁ ମିଳୁନି। ସେପଟେ ଦାମଙ୍କ ପୁଅ ତଥା ବିଜେଡି ରାଜ୍ୟ ସମ୍ପାଦକ ସମ୍ବିତ ରାଉତରାୟଙ୍କ ନାମ ଚର୍ଚ୍ଚାକୁ ଆସୁଛି। କିନ୍ତୁ ସମ୍ବିତଙ୍କ ବାଟ ମଧ୍ୟ ସୁଗମ ନୁହେଁ ବୋଲି କୁହାଯାଉଛି। କାରଣ ଶନିବାର ଦାମଙ୍କ ଝିଅ ପ୍ରୀତିନନ୍ଦା ରାଉତରାୟ ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେହି ଆଧାରରେ ସମ୍ବିତ ମଧ୍ୟ ଦଳ ପରିବର୍ତ୍ତନ କରିପାରନ୍ତି ବୋଲି ଚର୍ଚ୍ଚା ହେଲାଣି। ବିଜେଡିର ଅନ୍ୟତମ ଆଶାୟୀ ପ୍ରାର୍ଥୀ ଭାବେ ଅଛନ୍ତି ପୌରାଧକ୍ଷ ବସନ୍ତ ବିଶ୍ୱାଳ। ତାଙ୍କ ପରେ ଆହୁରି ୭ରୁ ୮ ଜଣ ବିଧାୟକ ପ୍ରାର୍ଥୀ ହେବାକୁ ଆବେଦନ କରିଥିବା କୁହାଯାଉଛି। ସେହିପରି କଂଗ୍ରେସରେ ଅରିନ୍ଦମ ସର୍ଖେଲ(ବାପି) ଓ ପ୍ରମୋଦ କିଶୋର ଜେନାଙ୍କୁ ନେଇ ଦ୍ୱନ୍ଦ୍ୱ ରହିଛି। ଭାଜପାର ୨ ନେତା ସମ୍ପଦ ସ୍ୱାଇଁ ଓ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଏଠାରେ ସଙ୍ଗଠନ ଚାଲିଛି। ତେବେ ଗତିକୃଷ୍ଣ ମଧ୍ୟ ଦଳ ପରିବର୍ତ୍ତନ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏସବୁ ଭିତରେ ଦାମ ଭାଜପାରେ ଯୋଗଦେବା ପରେ ପାରାଦୀପରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ନେତା ଓ କର୍ମୀ ସମସ୍ତେ ଦ୍ୱନ୍ଦ୍ୱରେ ଅଛନ୍ତି। ଟିକେଟ ଘୋଷଣା ପରେ ନେତାମାନଙ୍କ ମଧ୍ୟରେ ବିବାଦ ଆହୁରି ବଢ଼ିବ ଓ ଏହା ଦଳ ପାଇଁ କ୍ଷତିକାରକ ହେବ। ବର୍ତ୍ତମାନ ଆଶାୟୀମାନେ ଭୁବନେଶ୍ୱର ଓ ଦିଲ୍ଲୀରେ ଡେରା ପକାଇଛନ୍ତି। କାଁ ଭାଁ କେଉଁଠି କେମିତି ସଭା ସମିତି ହେଉଛି। ଆଶାୟୀମାନେ ବେଶ୍ ମାପିଚୁପି ମତାମତ ଦେଉଛନ୍ତି ଓ ଦଳପ୍ରତି ଆନୁଗତ୍ୟ ପ୍ରକାଶ କରୁଛନ୍ତି।



ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

## ହକ୍ ମାଗୁଛି ଓଡ଼ିଶା ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

**ବାଲିକୁଦା, ୧୬।୩(ସ୍ୱ.ପ୍ର.)**

ବାଲିକୁଦା ବ୍ଲକର ପ୍ରତ୍ୟେକ ଜିଲାପରିଷଦ ଜୋନ୍‌ରେ ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ କରାଯିବ। ଏଥିପାଇଁ ଶନିବାର ଈଶ୍ୱରପୁରସ୍ଥିତ ଅଳକା ଆଶ୍ରମ ପରିସରରେ ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଅଲେଖ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପର୍ଯ୍ୟବେକ୍ଷକ ସ୍ମୃତିରଞ୍ଜନ ସାହୁ, ସହ ପର୍ଯ୍ୟବେକ୍ଷକ ଭବାନୀ ଶଙ୍କର ଦାସ, ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ପୂର୍ବତନ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତି, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲାପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବ୍ଲକ ବିଜେଡି ମହିଳ ସଭାନେତ୍ରୀ ବିଦ୍ୟୁଲତା ବିଶ୍ୱାଳ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଶିବପ୍ରସାଦ ପାତ୍ର, ଉପସଭାପତି ଶୁଭେନ୍ଦ୍ର ଦାସ, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର, ଛାତ୍ର ବିଜେଡି ସଭାପତି କମଳ କିରଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ଭାରତ ନେଇପାରିଛି ବୋଲି କହି କେନ୍ଦ୍ର ସରକାର ଭୋଟ୍ ହାତେଇବାକୁ ଉଦ୍ୟମ କରୁଛନ୍ତି ବୋଲି ଏଥିରେ ଅଭିଯୋଗ କରାଯାଇଥିଲା। ଏଥିସହ ଓଡ଼ିଶାରୁ କେନ୍ଦ୍ର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଟିକସ ନେଉଥିଲେ ମଧ୍ୟ ଚରମ ଅବହେଳା ପ୍ରଦର୍ଶନ କରୁଛି ବୋଲି କହିଥିଷଲ। ସ୍ୱତନ୍ତ୍ର ରାଜ୍ୟ ପାହ୍ୟାରେ ପ୍ରଦାନରେ ହେଉ ଅବା ମହାନଦୀର ପାଣି କ୍ଷେତ୍ରରେ ହେଉ, ସବୁଥିରେ ଓଡ଼ିଶାକୁ କେନ୍ଦ୍ର ସରକାର ଅବହେଳା କରୁଛନ୍ତି। ଏ ସମ୍ପର୍କରେ ପ୍ରତ୍ୟେକ ଲୋକଙ୍କୁ ଜଣାଇବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ବ୍ଲକ କୃଷକ ସେଲ ସଭପତି ସନ୍ତୋଷ କୁମାର ରାୟ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପ୍ରସ୍ତୁତି



**ତିର୍ତ୍ତୋଲ, ୧୬।୩(ଡି.ଏନ.ଏ.):** ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପାଇଁ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କ ତିର୍ତ୍ତୋଲସ୍ଥିତ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟିକା ସଭାପତିତ୍ୱ କରିଥିଲେ। ନିର୍ବାଚନମଣ୍ଡଳୀ ଅଧୀନ ୩ ବ୍ଲକ ବିରିଡି, ତିର୍ତ୍ତୋଲ, ରଘୁନାଥପୁରର ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ଜଗତ୍ସିଂହପୁର ଜିଲାପରିଷଦ ଅଧକ୍ଷ ପ୍ରିୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ରଘୁନାଥପୁର ବ୍ଲକ ଅଧକ୍ଷା ସ୍ୱପ୍ନସରିତା ବଳ, ବିରିଡ଼ି ବ୍ଲକ ଆମ୍ବା ଅଧକ୍ଷା ସବିତା ଦାସ, ଜିଲା କୃଷକ ସାମୁଖ୍ୟ ସମ୍ପାଦକ ଦେବବ୍ରତ ମହାନ୍ତି, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ଡେଜାଲିନ ମହାପାତ୍ର, ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ସରପଞ୍ଚ ମନୋରଞ୍ଜନ ମହାପାତ୍ର, ରମେଶ ଚନ୍ଦ୍ର କୁଅଁର, ଶୀତିକଣ୍ଠ ସ୍ୱାଇଁ, ମହିଳା ନେତ୍ରୀ ମହେଶ୍ୱତା ଜେନା, ଜୋଶେଫ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମସନାତନ ଯଜ୍ଞ ଉଦ୍‌ଯାପିତ

**ଡେରାବିଶ, ୧୬।୩ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳାସ୍ଥିତ ଅଭିରାମ ପରମହଂସ ଦେବଙ୍କ ଶାନ୍ତି ଆନନ୍ଦାଶ୍ରମରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ବ୍ରହ୍ମ ସନାତନ ଯଜ୍ଞ ଶନିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ଭକ୍ତ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବ୍ରହ୍ମ ସନାତନ ଯଜ୍ଞ ଅବସରରେ ଗୁରୁବାରଠାରୁ ଆଶ୍ରମ ପରିସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ କରମଳାସ୍ଥିତ ଶାନ୍ତିଆନନ୍ଦ ଆଶ୍ରମର ସାଧୁ ଅନ୍ତର୍ଯାମୀ ଦାସ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜନ୍ମେଜୟ ଦାସ ବାବାଜୀ, ସତ୍ୟନାରାୟଣ ଦାସ ବାବାଜୀ, ଲୋକନାଥ ଦାସ ବାବାଜୀ ଯୋଗଦେଇ ଠାକୁର ଅଭିରାମ ପରମହଂସଙ୍କ ଦର୍ଶନ ତତ୍ତ୍ୱ ଉପରେ ଆଶୀର୍ବଚନ ପ୍ରଦାନ କରିଥିଲେ। ଶନିବାର ନଗର ପରିକ୍ରମା ଓ ସନ୍ଧ୍ୟାରେ ପାଲା ପରିବେଷଣ କରାଯାଇଥିଲା। ଏହି ଉପଲକ୍ଷେ ପ୍ରତ୍ୟେକ ଦିନ ଭକ୍ତ ଗୋଷ୍ଠୀ ଓ ଠାକୁରଙ୍କ ନିକଟରେ ଷୋଡ଼ଶ ଉପଚାରରେ ପୂଜା ଅନୁଷ୍ଠିତ ହୋଇଥିଲା। ଦେବୀ ପ୍ରସାଦ ମହାନ୍ତି, ଭକ୍ତ ସମିତି ସଭାପତି କିଶୋର ଚନ୍ଦ୍ର ମିଶ୍ର, ସମ୍ପାଦକ ରମାକାନ୍ତ ସାମଲ, କର୍ମକର୍ତ୍ତା ଜଗନ୍ନାଥ ସାମଲ, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଅରକ୍ଷିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ।

## ଟିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ

**ବାଲିଆ, ୧୬।୩**

ଶନିବାରଠାରୁ ବିରିଡ଼ି ବ୍ଲକ ତଳପାଟକ କେଏମପିଜି ଖେଳପଡ଼ିଆରେ ଟିପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପୁଲଓ୍ୱାମାରେ ଶହୀଦ ହୋଇଥିବା ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ପୁଲଓ୍ୱାମା ଶହୀଦ ସ୍ମାରକୀ ପ୍ରିମିୟର ଲିଗ ଖେଳାଯାଉଛି। ଏଥିରେ ଗ୍ରୀନ ଷ୍ଟାର, ଯୁବ ଜ୍ୟୋତି, ବରୁଣେଇ, ଜେସିସି ହାଜିପୁର, ସ୍ମାଇଲ ଏକାଦଶ, ନେହେରୁ ଯୁଥ କ୍ଲବ, ଆଜାଦହିନ୍ଦ କ୍ଲବ, ସସପେନ୍ସ କ୍ଲବ, ବାହାରାଣା କ୍ଲବ, ଆମ୍ବେଦକର କ୍ଲବ, ହୁଲିପୁର ଏବଂ ଜୟ ମା ଦୁର୍ଗା ଟିମ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଗ୍ରୀନ ଷ୍ଟାର ଥୋରିଆପଡ଼ା ଏବଂ ବରୁଣେଇ କ୍ଲବ ଫକୀରପଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଥୋରିଆପଡ଼ା ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ ଆମ୍ବେଡ଼କର କ୍ଲବ ଜଗତ୍ସିଂହପୁର ଏବଂ ବାହାରାଣା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆମ୍ବେଡ଼କର ଟିମ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ରଞ୍ଜିତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। କ୍ଷୀଜାର ହୁସେନ ଓ ଜହୁରଅଲ୍ଲି ଖାଁ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଜହୁରଅଲ୍ଲି ଖାଁ, ଇସଲାମ ଖାଁ, ଅବଦୁଲ ରତିକ, ୱାରିସ ଅଲ୍ଲି, ସଲ୍ଲା ଉଦ୍ଦିନ ବାବର, ରଜବ ଅଲ୍ଲି ପ୍ରମୁଖ ସହଯୋଗ କରିଥିଲେ। ଇସଲାମ ଖାଁ ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବରେ ଉପସ୍ଥିତ ଅତିଥି ଓ ଆୟୋଜକମାନେ।

## ସ୍ୱାଧୀନତା ସଂଗ୍ରାମୀ ଜୟରାମଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ବାଲିକୁଦା, ୧୬।୩(ସ୍ୱ.ପ୍ର.)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଜୟରାମ ନାୟକଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ଏହି ଅବସରରେ ବାଲିକୁଦା ବ୍ଲକ ତରାସାହି ସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିସଭା ହୋଇଥିଲା। ଏଥିରେ ପୂର୍ବତନ ପ୍ରଧାନଶିକ୍ଷକ ଭାଗିରଥି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭୀମସେନ ମହାରଣା, ମୁଖ୍ୟବକ୍ତା ଭାବେ ତ୍ରିନାଥ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ରନାଥ ନାୟକ, ବିକ୍ରମ କିଶୋର ନାୟକ, ଶଙ୍କର୍ଷଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥି ସଂଗ୍ରାମୀ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ।

## ଶହୀଦଙ୍କ ପରିବାରକୁ ସହାୟତା



ଶହୀଦଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ସହାୟତା ଦିଆଯାଉଛି।

**ନାଉଗାଁ, ୧୬।୩(ସ୍ୱ.ପ୍ର.)**

ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ନାଉଗାଁ ବ୍ଲକ ପାରିଶିଖର ଗ୍ରାମର ବୀର ଯବାନ ପ୍ରସନ୍ନ ସାହୁଙ୍କ ପରିବାରକୁ ମୁମ୍ବାଇ ସ୍ଥିତ ମାକ୍ଲେଓଡସ ଔଷଧ କମ୍ପାନୀ ତରଫରୁ ୫ଲକ୍ଷ ଟଙ୍କାର ସହାୟତା ଚେକ୍ ଆକାରରେ ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ରାଜେଶ କାବ୍ରୁ, ନିହାର ବେହେରା, ଅମରେଶ ମହାପାତ୍ରଙ୍କ ସମେତ ଡାକ୍ତର ସର୍ବେଶ୍ୱର ପରିଡା, ଜଗତସିଂହପୁର ଏମପି ଡା. କୁଳମଣି ସାମଲ, ଡା.ନରହରି ବେହେରା ପ୍ରମୁଖ ଶହୀଦଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ସେଠାରେ ଶହୀଦଙ୍କ ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶହୀଦ ପରିବାର ସଦସ୍ୟଙ୍କ କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ଡାକ୍ତର ସର୍ବେଶ୍ୱର ପରିଡା ଓ ଡାକ୍ତର ନରହରି ବେହେରା ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି କହିଥିଲେ।

## ଶିକ୍ଷକଙ୍କୁ ଉଜ୍ଜ୍ୱଳ, ଉତ୍‌ଥାନ ଆର୍ଟସ ଓ ସାଇନ୍ସ ସମ୍ପର୍କରେ ପ୍ରଶିକ୍ଷଣ

**ରଘୁନାଥପୁର, ୧୬। ୩( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଅଞ୍ଚଳର ଉପ୍ରା ବିଦ୍ୟାଳୟରେ ରହି ଯାଇଥିବା ଅବଶିଷ୍ଟ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଜ୍ଜ୍ୱଳ, ଉତଥାନ ଆର୍ଟସ ଓ ସାଇନ୍ସ ସମ୍ପର୍କରେ ୩ଟି ଗ୍ରୁପରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସିଆରସିସି ଭାସ୍କର ମୁଦୁଲିଙ୍କ ପରିଚାଳନାରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।



ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ।

ରିସର୍ଚ୍ଚ ପର୍ସନ ଭାବେ ବିଶ୍ୱନାଥ ଦାସ, ଚିତ୍ରସେନ ସାହୁ, ସୋନା ମହାନ୍ତି, ଶାନ୍ତନୁ କୁମାର ପାତ୍ର, ଚତୁର୍ଭୁଜ ନାୟକ ଓ ଦେଶବନ୍ଧୁ ପଟ୍ଟନାୟକ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ମୋଟ ୪୨ ଜଣ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣ ନେଉଥିବାବେଳେ ଆସନ୍ତା ସୋମବାର ଏହି କାର୍ଯ୍ୟକ୍ରମ ଶେଷ ହେବ। ପ୍ରତ୍ୟେକ ବିଦ୍ୟାଳୟରେ ଆସନ୍ତା ଏପ୍ରିଲ ୪ ତାରିଖରୁ ଉଜ୍ଜ୍ୱଳ, ଉତଥାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଶିକ୍ଷଣ ପାଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ନେଇଥିବା ତାଲିମ ଅନୁସାରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ। ଉଜ୍ଜ୍ୱଳ ପାଇଁ ୫ ଖଣ୍ଡ ନୋଟସିଟ ଏବଂ ଉତଥାନ ଅର୍ଟସ ଓ ସାଇନ୍ସ ପାଇଁ ମୋଟ ୧୧ ଖଣ୍ଡ ନୋଟ ସିଟର ବ୍ୟବସ୍ଥା ରହିଛି। ପିଲାମାନେ ଉକ୍ତ ନୋଟିସକୁ ପଢି ସେଥିରେ ଉତ୍ତର ଲେଖିବାର ବ୍ୟବସ୍ଥା ରହିଛି। ଗତବର୍ଷ ସ୍କୁଲରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ପାଇଁ କିଛି ଭିନ୍ନତା ଅଣାଯାଇଛି। ତେବେ ଅନେକ ମାତ୍ରାରେ ଏହା ଛାତ୍ରୀମାନଙ୍କ ପାଇଁ ଫଳପ୍ରଦ ହେବ ବୋଲି ରିସର୍ଚ୍ଚ ପର୍ସନ ଦାସ ମତ ରଖିଛନ୍ତି। ତେବେ ସ୍କୁଲରେ ହେବାକୁ ଥିବା ୪୦ ଦିନିଆ କାର୍ଯ୍ୟକ୍ରମରେ ଅଭିଭାବକମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିବା ପାଇଁ ସିଆରସିସି ମୁଦୁଲି ଆଶା ପ୍ରକଟ କରିଛନ୍ତି। ଏବିଇଓ ମେନକା ମହାପାତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

## ଗୋରେଖନାଥଙ୍କ ଦର୍ଶନ କଲେ ବିଷ୍ଣୁ

**ରଘୁନାଥପୁର, ୧୬। ୩( ଡି.ଏନ.ଏ.)**

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ଶୁକ୍ରବାର ରାତିରେ ମା' ଶାରଳାଙ୍କ ଦର୍ଶନ ସାରି ପ୍ରାୟ ରାତି ୧୦ଟାରେ ଗୋରେଖନାଥ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି ସମୟରେ ପୂର୍ବରୁ ଅପେକ୍ଷାରତ ଥିବା ରଘୁନାଥପୁର ବ୍ଲକ ଅଞ୍ଚଳର ବହୁ ଦଳୀୟ କର୍ମୀ ଦାସଙ୍କୁ ସାକ୍ଷାତ କରିଥିଲେ। ଦାସଙ୍କ ସହ ରାଜ୍ୟ ବିଜୁ କୃଷକ ମୋର୍ଚ୍ଚାର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସେଠୀ ଓ ସମିତିସଭ୍ୟ ମନରଞ୍ଜନ ରାୟ, ତପନ ସାମଲ, ବସନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଧାନସଭା ନିର୍ବାଚନର ଦେଢମାସ ପୂର୍ବରୁ ହଠାତ୍ ପ୍ରଭୁଙ୍କୁ ଦର୍ଶନ କରିବା ନେଇ ଲୋକମାନଙ୍କ ମନରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। କେହି କେହି ବିଷ୍ଣୁ ତିର୍ତ୍ତୋଲ ମୁହଁ ହେବା ଏକ ପ୍ରକାର ବୃତ୍ତାନ୍ତ ବୋଲି ଚର୍ଚ୍ଚା କରୁଥିବାବେଳେ, କର୍ମୀଙ୍କ ଗହଣରେ ରହି କିଛି ସମୟ ବିତେଇଥିଲେ। ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ଓ ସୁରେନ୍ଦ୍ର ନାଥ ସ୍ୱାଇଁ ଏବଂ ସ୍ଥାନୀୟ ବ୍ୟବସାୟୀ ଗୋଲେଖ ଚନ୍ଦ୍ର ସାହୁ ଦାସଙ୍କୁ ପୁଷ୍ପମାଲ୍ୟ ଦେଇଥିଲେ। ପରେ ଦାସ ତିର୍ତ୍ତୋଲ ଦଳୀୟ ପାର୍ଟି ଅଫିସ ଅଭିମୁଖେ ଯାତ୍ରା କରିଥିଲେ।



ଗୋରେଖନାଥଙ୍କ ପୀଠରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ଓ ଅନ୍ୟମାନେ।

## ଆଳିପିଙ୍ଗଳ ପୋଲ ପାର୍ଶ୍ୱରେ ଲୁହାଗେଟ୍‌କୁ ବିରୋଧ

**ଜଗତ୍ସିଂହପୁର ଅଫିସ, ୧୬।୩**

- ଆନ୍ଦୋଳନକୁ ଓହ୍ଲାଇଲେ ଜଗତ୍ସିଂହପୁର ଓ କଟକ ଜିଲା ଲୋକେ
- ବାଲି ବୋଝେଇ ହାଇୱା, ଭାରିଯାନ ବନ୍ଦ ପାଇଁ ଦାବି
- ୪ ଦିନ ସମୟ ନେଲା ପୂର୍ତ୍ତ ବିଭାଗ

ସ୍ଥାନୀୟ ଆଳିପିଙ୍ଗଳ ପୋଲର ଉଭୟ ପାର୍ଶ୍ୱରେ ଜଗତ୍ସିଂହପୁର ପୂର୍ତ୍ତ ବିଭାଗ ପକ୍ଷରୁ ୨ଟି ଲୁହା ଗେଟ୍ କରାଯାଇଛି। ଏହାକୁ ବିରୋଧ କରି ଜଗତ୍ସିଂହପୁର ଓ କଟକ ଜିଲାର ଲୋକେ ପୃଥକ ସ୍ଥାନରେ ଆନ୍ଦୋଳନ କରିଛନ୍ତି। ଏଥିସହ ବାଲି ବୋଝେଇ ହାଇୱା, ଟ୍ରକ୍ ଓ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ଭାରିଯାନ ଚଳାଚଳ ନ କରିବା ପାଇଁ ପୋଲର ବଜାର ପଟେ କିଛିଦିନ ତଳେ ଏକ ଲୁହା ଗେଟ୍ ହୋଇଥିଲା। ପୋଲଟି ଦୁର୍ବଳ ଥିବାରୁ ବିପଦ ଆଶଙ୍କା କରି ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଉଛି। କିନ୍ତୁ ବାସ୍ତବ କଥା ହେଲା ପୋଲଟି ବିପଦ ସଙ୍କୁଳ ଅବସ୍ଥାରେ ଅଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଏକ ବିଶେଷଜ୍ଞ ଦଳ ଅନୁଧ୍ୟାନ ପାଇଁ ଆସିଥିଲେ। ପୋଲର ବାଡା ଭାଙ୍ଗିଥିବା ଓ ଚଟାଣର ଅଧିକାଂଶ ସ୍ଥାନରେ ଖାଲ ଥିବା ସେମାନେ ଦେଖିଥିଲେ। କିନ୍ତୁ ପୋଲ ପ୍ରତି କୌଣସି ବିପଦ ନ ଥିବା କହିଥିଲେ। ଇତିମଧ୍ୟରେ କ୍ଷତିଗ୍ରସ୍ତ ଅଂଶ ମରାମତି ହେଲାନି। ମାତ୍ର ହଠାତ୍ ପୂର୍ତ୍ତ ବିଭାଗ ଜଗତ୍ସିଂହପୁର ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ପୋଲ ପାର୍ଶ୍ୱରେ କମ୍ ଉଚ୍ଚର ଏକ ଲୁହା ଗେଟ୍ କରାଯାଇଛି। ପୋଲଟି ଅସୁରକ୍ଷିତ ବୋଲି ବିଭାଗ ପକ୍ଷରୁ ମୌଖିକ ଭାବେ କୁହାଯାଉଥିବା ବେଳେ ବାସ୍ତବରେ ସରକାରୀ ଭାବେ ସେଭଳି କିଛି ଘୋଷଣା ହୋଇନି। ଯଦି ଅସୁରକ୍ଷିତ ତେବେ ପୂର୍ବରୁ ଏହାର ବିକଳ୍ପ ବ୍ୟବସ୍ଥା କରାଯିବା କଥା। ନଦୀରେ ଫେୟାର ୱେଦର ରାସ୍ତା କରି ଗେଟ୍ ନିର୍ମାଣ ହୋଇଥାନ୍ତା। ଲୋକଙ୍କ ସ୍ୱାର୍ଥକୁ ଗୌଣ କରି ହଠାତ୍ ଗେଟ୍ କରାଯିବା ପ୍ରସଙ୍ଗକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଗେଟ୍ ଯୋଗୁ ଏହି ରାସ୍ତାରେ ଜଗତ୍ସିଂହପୁରରୁ ଭୁବନେଶ୍ୱର ଯାଉଥିବା ବସ ଚଳାଚଳ ବନ୍ଦ ହୋଇଛି। ଏଥିସହ ସିଠାଲୋ ସମେତ କଟକ ଜିଲାର ଏକାଧିକ ଗ୍ରାମର କଲେଜ ଓ ସ୍କୁଲ ଛାତ୍ରୀଛାତ୍ର ଜଗତ୍ସିଂହପୁର ଯିବାଆସିବାରେ ଅସୁବିଧା ହେଉଛି। ଅନ୍ୟପକ୍ଷରେ ପ୍ରତ୍ୟହ ଶତାଧିକ ବାଲି ବୋଝେଇ ହାଇୱା, ଟ୍ରକ୍ ଓ ଭାରିଯାନ ଜଗତ୍ସିଂହପୁର ଆଳିପିଙ୍ଗଳ ରାସ୍ତାରେ ଯାତାୟାତ କରୁଥିବାରୁ ଦୁର୍ଘଟଣା ଘଟୁଛି। ପାଖାପାଖି ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଆଳିପିଙ୍ଗଳ-ଦେବୀଦୋଳ ରାସ୍ତା ଏକପ୍ରକାର ପରିତ୍ୟକ୍ତ ହୋଇପଡିଛି। ଏହି ରାସ୍ତାରେ ଗର୍ଭବତୀ କିମ୍ବା ଗୁରୁତର ରୋଗୀ ତ ଦୂରର କଥା ସାଧାରଣ ଲୋକେ ଯାତାୟାତ କରିବା କଷ୍ଟକର। ଏହି ୪/୫ ବର୍ଷ ଭିତରେ ଜଗତ୍ସିଂହପୁର-ଆଳିପିଙ୍ଗଳ ରାସ୍ତାରେ ୫ ଜଣଙ୍କ ମୃତ୍ୟୁ ହେଲାଣି। ଜଣେ ଭିନ୍ନକ୍ଷମ ହୋଇଯାଇଛନ୍ତି। ଏବେ ଉକ୍ତ ରାସ୍ତା କାମ ଚାଲିଛି। ଭାରିଯାନ ଯାତାୟାତ ଯୋଗୁ ନୂଆ କଂକ୍ରିଟ ରାସ୍ତା ପ୍ରତି ବିପଦ ସୃଷ୍ଟି ହେଲାଣି। ଏସବୁ କାରଣରୁ ଜଗତ୍ସିଂହପୁରର ଶତାଧିକ ଲୋକେ ଶନିବାର ପୂର୍ବାହ୍ନ ସାଢେ ୧୦ରୁ ଅପରାହ୍ନ ସାଢେ ୨ ପର୍ଯ୍ୟନ୍ତ ଗେଟ୍ ପାଖରେ ଆନ୍ଦୋଳନ କରିଥିଲେ। ଜଗତ୍ସିଂହପୁର ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବଳରାମ ସ୍ୱାଇଁ, ଜଗତ୍ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ର ପ୍ରମୁଖ ପହଞ୍ଚି ୪ ଦିନ ଭିତରେ ଜିଲାପାଳଙ୍କ ସହ ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ଜଣାଇବେ ବୋଲି କହିବାରୁ ଆନ୍ଦୋଳନ ହଟିଥିଲା। ସେହିପରି ପୋଲ ଆରପଟେ କଟକ ଜିଲାର ଶତାଧିକ ଲୋକ ଅନୁରୂପ ଦାବି କରି ରାସ୍ତାରୋକୋ କରିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ କହିଛନ୍ତି ଯେ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଅନୁଧ୍ୟାନ କରିବା ପରେ ପୋଲ ଉପରେ ଭାରିଯାନକୁ ବାଦ୍ ଦେଲେ ଅନ୍ୟ ଗାଡି ଚଳାଚଳରେ ଅସୁବିଧା ନ ଥିବା କହିଥିଲେ। ତେଣୁ ଜିଲାପାଳ ପ୍ରତି ମାସରେ ଏହି ପୋଲ ଓ ଆଳିପିଙ୍ଗଳ-ଜଗତ୍ସିଂହପୁର ରାସ୍ତା ଉପରେ ଭାରିଯାନ ଚଳାଚଳ ଉପରେ ଅଙ୍କୁଶ ଲଗାଇ ଆସୁଥିଲେ। କିଛିଦିନ ତଳେ ବୈଠକରେ ଜିଲାପାଳ ଏହାର ସ୍ଥାୟୀ ପ୍ରତିକାର ପାଇଁ ପରାମର୍ଶ ଦେବାରୁ ସେ ଏଭଳି ଗେଟ୍ ନିର୍ମାଣ ନିଷ୍ପତ୍ତି ନେଇଥିଲେ। ଜିଲାପାଳଙ୍କ ପରାମର୍ଶକ୍ରମେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ତେବେ ଏହା ଭିତରେ ସେଠାରେ ଆଉ ଏକ ନୂଆ ପୋଲ କରିବାକୁ ବିଭାଗକୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।



ରାସ୍ତାରୋକୋରେ ସାମିଲ ହୋଇଥିବା ଲୋକମାନେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭/୨୦୧୯ Bhubaneswar, Sunday, March 17/ 2019

## ■ ନବନିର୍ମାଣ କୃଷକ ସଙ୍ଗଠନର ଚେତାବନୀ

# ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ

**ଜଗତ୍‌ସିଂହପୁର ଅଫିସ, ୧୬।୩**

କେବଳ ରାଜ୍ୟ କି କେନ୍ଦ୍ର ସରକାର ନୁହନ୍ତି, ସମ୍ପୂର୍ଣ୍ଣ ବ୍ୟବସ୍ଥା ଚାଷୀଙ୍କ ବିରୋଧରେ ଯାଉଛି। ଦେଶର ୮୦ ଭାଗ ହେଉଛନ୍ତି ଚାଷୀ। ତେଣୁ ଚାଷୀ ବିରୋଧୀ ବ୍ୟବସ୍ଥାକୁ ସହଯୋଗ କରାଯିବ ନାହିଁ। ବିଗତ ନିର୍ବାଚନଗୁଡ଼ିକରେ ଚାଷୀ ନୀରବ ଥିଲେ, କିନ୍ତୁ ଆଉ ନୁହେଁ। ଆଗାମୀ ନିର୍ବାଚନରେ ଚାଷୀମାନେ ବ୍ୟବସ୍ଥା ବିରୋଧରେ ଲଢ଼ିବେ। ନିର୍ବାଚନ ପୂର୍ବଦିନ ପୋଲିଂ ବାକ୍ସ ନେଇ ଯିବାକୁଥିବା ଗାଡ଼ି ଆଗରେ ଚାଷୀମାନେ ଶୋଇ ରହି ପ୍ରତିବାଦ କରିବେ। ଏଭଳି ଚେତାବନୀ ଦେଇଛି ନବ ନିର୍ମାଣ କୃଷକ ସଙ୍ଗଠନ। ଶନିବାର ସ୍ଥାନୀୟ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହାପରେ ମଣ୍ଡିଗୁଡ଼ିକରେ ଆବଶ୍ୟକ ପରିମାଣର ଧାନ ସଂଗ୍ରହ ହେଉ ନ ଥିବା ନେଇ ସିଏସ୍‌ଓ (ସିଭିଲ ସପ୍ଲାଏ ଅଫିସର)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଧାରଣାରେ ବସିଥିଲେ।



ବୈଠକରେ ଉପସ୍ଥିତ ନବ ନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା।

■ବ୍ୟବସ୍ଥା ବିରୋଧରେ ଭୋଟଦାନ ପ୍ରକ୍ରିୟାକୁ ବିରୋଧ

■ସିଏସ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ରିପୋର୍ଟ ଲେଖାଯିବା ବେଳକୁ ଆନ୍ଦୋଳନ ଜାରି ରହିଥିବାବେଳେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଲେ ଯେ, ଚାଷୀଙ୍କୁ ସେମାନଙ୍କ ଅଧିକାର ପାଇଁ ଭୁବନେଶ୍ୱରରେ ଏକତ୍ରିତ ହେବାର ସୁଯୋଗ ଦିଆଯାଉନାହିଁ। ସମ୍ବିଧାନର ଧାରା ୨୧ ଅନୁଯାୟୀ ଚାଷୀମାନେ ସେମାନଙ୍କ ଦାବି ହାସଲ ପାଇଁ ଚେଷ୍ଟା କଲାବେଳେ ଅଙ୍କୁଶ ଲଗାଯାଉଛି। ଏ ପରିସ୍ଥିତିରେ ଅନ୍ୟାୟ ବ୍ୟବସ୍ଥାକୁ ଅଧିକ ଦିନ ଚଳାଇ ରଖିବା ଉଚିତ ନୁହେଁ। ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀରେ ଏନେଇ ପ୍ରସ୍ତାବ ଗୃହୀତ ହେବା ସହ ରାଜ୍ୟବ୍ୟାପୀ ଅଭିଯାନ ଚାଲୁ ରହିବ ବୋଲି ସେ କହିଛନ୍ତି। ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଲେ ଯେ ବ୍ୟବସ୍ଥାପକ, ନ୍ୟାୟାଳୟ ଓ ଦେଶର ୩ ପ୍ରମୁଖ ଦଳ ଚାଷୀ ସ୍ୱାର୍ଥରେ ନ ଥିବା ସ୍ପଷ୍ଟ ହେଉଛି। ବିଶେଷକରି ଭାଜପା, କଂଗ୍ରେସ ଓ ବିଜେଡି ଚାଷୀ ପେନସନ୍ ପ୍ରସଙ୍ଗରେ ସେମାନଙ୍କ ଇସ୍ତାହାରରେ ଉଲ୍ଲେଖ କରି ନ ଥିବାରୁ ଚାଷୀମାନେ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିବେ। ସେହିପରି କ୍ଷୀର ଲିଟରରେ ମାତ୍ର ୧ ଟଙ୍କା ବୃଦ୍ଧି ହୋଇଛି। ଏହା ସନ୍ତୋଷଜନକ ନୁହେଁ ବୋଲି ଯୁକ୍ତି ବାଢ଼ିଥିଲେ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ। ସାରା ଦେଶରେ ଏସବୁ ପ୍ରସଙ୍ଗକୁ ନେଇ ଯାତ୍ରା ଆରମ୍ଭ କରିବାକୁ ସ୍ଥିର ହୋଇଛି। ଆସନ୍ତା ୨ରୁ ୨୦ ତାରିଖ ପର୍ଯ୍ୟନ୍ତ ସଚେତନତା ଯାତ୍ରା ହେବ ବୋଲି ସଙ୍ଗଠନ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ସୂଚନା ଦେଇଛନ୍ତି। ବୈଠକରେ ସଙ୍ଗଠନ ଜିଲା ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଷ୍ଟେଟ ଆଇଡିଆଲ ପବ୍ଲିକ ସ୍କୁଲ ଅଭିଭାବକଙ୍କ ଅନଶନ ଜାରି

# ସୋମବାର ବିଇଓ ଅଫିସ ଘେରାଉ

**ରଘୁନାଥପୁର, ୧୬।୩( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତିସ୍ଥିତ ଷ୍ଟେଟ ଆଇଡିଆଲ ପବ୍ଲିକ ସ୍କୁଲ ୨୫ ପ୍ରତିଶତ ଏସିଏସ୍‌ଟି ଓ ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ଶିକ୍ଷା ଖର୍ଚ୍ଚ ପ୍ରଦାନ ଦାବି ନେଇ ଚାଲିଥିବା ଅନଶନକୁ ୫ ଦିନ ବିତିଛି। ଶିକ୍ଷା ବିଭାଗର ମନମୁଖି କାର୍ଯ୍ୟକୁ ବିରୋଧ କରି ଅଭିଭାବକଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୋଟେପଟେ ଉପବାସ ଅନଶନରେ ବସି ରହିଥିବା ଆଡଭାଇଜରି କମିଟିର ଭାଇସଚେୟାରମ୍ୟାନ ରୂପେନ୍ଦ୍ର ମିଶ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରେ ଲାଗିଛି। ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଆସନ୍ତା ସୋମବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ନିଷ୍ପତ୍ତି ନେଇଥିବା କମିଟିର ଚେୟାରମ୍ୟାନ ପ୍ରାଣକୃଷ୍ଣ ନାୟକ କହିଛନ୍ତି। ଏ ସମ୍ପର୍କରେ ଲିଖିତ ଅଭିଯୋଗ ପତ୍ର ବିଇଓ, ଜିଲାପାଳ ଓ ଏସ୍‌ପିଙ୍କୁ ମେଲ ଯୋଗେ ପଠା ଯାଇଥିବା ସେ ପ୍ରକାଶ କରିଛନ୍ତି। ଅନେକ ଅଭିଭାବକ ଶିକ୍ଷା ବିଭାଗର ଅପାରଗତାକୁ ଦାୟୀ କରିଥିବାବେଳେ ବିଇଓ କାର୍ଯ୍ୟାଳୟରେ ପ୍ରସ୍ତାବ ସହ ତଦନ୍ତ ରିପୋର୍ଟ ପଠାଯିବା ପରେ ଆମ ପାଖରେ କୌଣସି କାର୍ଯ୍ୟ ନାହିଁ ବୋଲି ବିଇଓ ରାଜ୍ୟଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତେବେ ବାସ୍ତବତାକୁ ଭିତ୍ତିକରି ପ୍ରକୃତ ଘଟଣାର ସମାଧାନ କରିବାକୁ ଉଭୟେ ଶିକ୍ଷା ବିଭାଗ ଓ ଅଭିଭାବକ ଉଦ୍ୟମ କରନ୍ତୁ ବୋଲି ବୁଦ୍ଧିଜୀବୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।



ଅନଶନରେ ବସିଥିବା ଅଭିଭାବକ।














# ପକ୍ଷୀପ୍ରେମୀ ନିଆରା ମଣିଷ ସନ୍ତୋଷ

**କୁଜଙ୍ଗ, ୧୬।୩(ସ୍ୱ.ପ୍ର.)**

ବୃତ୍ତିରେ ଜଣେ ଜଳଖିଆ ଦୋକାନୀ। ମାତ୍ର ନିଜ ମହତ ପଣ ପାଇଁ ସେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ପକ୍ଷୀଙ୍କ ପ୍ରତି ଭଲପାଇବା ତାଙ୍କୁ ଦେଇଛି ଭିନ୍ନ ପରିଚୟ। ସେ ହେଲେ ପଙ୍କପାଳର ବ୍ୟବସାୟୀ ସନ୍ତୋଷ କୁମାର ସାହୁ(୫୪)। ପାଠ ପଢ଼ିଥିଲେ ମଧ୍ୟ ନିଜ ପରିବାରର କୌଳିକ ବୃତ୍ତିକୁ ଆପଣାଇ ଦୀର୍ଘ ୪ ଦଶନ୍ଧି ଧରି ସେ ପ୍ରଥମେ ପଙ୍କପାଳର ପୁରୁଣା ବଜାରରେ ଓ ଏବେ ଦୀର୍ଘ ୨୦ ବର୍ଷ ହେଲା କଟକ ପାରାଦୀପ ରାସ୍ତା ପାଖ ନୂତନ ବଜାରରେ ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ତାଙ୍କ ଦୋକାନରେ ଗ୍ରାହକଙ୍କ ଭିଡ଼ ତ ହୁଏ। ତେବେ ସକାଳ ଓ ସନ୍ଧ୍ୟାରେ ଦୋକାନ ନିକଟରେ ଆଉ କିଛି ଭିନ୍ନ ଧରଣର ଗ୍ରାହକଙ୍କୁ ଦେଖିବାକୁ ମିଳେ। ଦୋକାନ କାମର ବ୍ୟସ୍ତତା ଭିତରୁ ସମୟ କାଢ଼ି ସନ୍ତୋଷ ସେମାନଙ୍କ କଥା ବୁଝିବାକୁ ଆଦୌ ଭୁଲନ୍ତି ନାହିଁ। ଏହି ଗ୍ରାହକମାନେ ହେଲେ ବିଭିନ୍ନ ପ୍ରଜାତିର ସୁନ୍ଦର ସୁନ୍ଦର ପକ୍ଷୀ। ପ୍ରତିଦିନ ସକାଳେ ପକ୍ଷୀମାନଙ୍କ ପାଇଁ ପ୍ରସ୍ତୁତ କରିଥିବା କିଛି ଆକର୍ଷଣୀୟ ଖାଦ୍ୟ ସେ ଆନନ୍ଦ ମନରେ ଦେଇଥାନ୍ତି। ଏପରି କି ଯଦି କେଉଁଦିନ ସକାଳୁ ଉଠିବାରେ ବିଳମ୍ବ ହୋଇଥାଏ, ତେବେ ଏହି ପକ୍ଷୀମାନଙ୍କ କଳରବରେ ତାଙ୍କ ନିଦ ଭାଙ୍ଗିଯାଏ। ଖାଦ୍ୟ ପାଇଁ ପକ୍ଷୀମାନେ ଏଠାରେ ଆସି ସମାବେଶ ହେବାର ଦୃଶ୍ୟ ସମସ୍ତଙ୍କୁ ଆକର୍ଷିତ କରିଥାଏ। କେବଳ ପକ୍ଷୀ ନୁହନ୍ତି, ମାନସିକ ବିକାରଗ୍ରସ୍ତ ଓ ଭୋକିଲା ଲୋକଙ୍କୁ ଖାଇବାକୁ ଦେବାରେ ତାଙ୍କୁ ଆନନ୍ଦ ମିଳିଥାଏ ବୋଲି ସନ୍ତୋଷ କୁହନ୍ତି। ସ୍ତ୍ରୀ ପ୍ରତିମା ଏଭଳି କାର୍ଯ୍ୟ ପାଇଁ ତାଙ୍କୁ ପ୍ରେରଣା ଦିଅନ୍ତି। ଆର୍ଥିକ ଦୃଷ୍ଟିରୁ ସେତେଟା ସ୍ୱଚ୍ଛଳ ନ ଥିଲେ ମଧ୍ୟ ତାଙ୍କର ହୃଦୟ ବଡ଼। ଅନ୍ୟକୁ ଦେବାରେ ଆନନ୍ଦ ଥାଏ ବୋଲି ସେ କହିଛନ୍ତି। ତାଙ୍କ ଦୋକାନ ପାଖରେ ବିଳମ୍ବିତ ରାତ୍ରରେ ସବୁ ଖବରକାଗଜ ପଡିଥାଏ। ମାତ୍ର ବର୍ଷା ହେଲେ ହକରମାନେ ଆସି ନ ଥିବା ଦେଖି ସେ ଅତି ଯତ୍ନରେ ସେଗୁଡ଼ିକ ସାଇତି ରଖିଥାନ୍ତି ଠିକ୍ ନିଜ ବ୍ୟବସାୟ ପରି। ତାଙ୍କ ବଡ଼ଝିଅ ସରୋଜିନୀ ସାହୁ ଉଚ୍ଚ ଶିକ୍ଷା ଗ୍ରହଣ କରି ସମ୍ବଲପୁର ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗରେ ଗୋଲ୍ଡ ମେଡାଲିଷ୍ଟ। ଏବେ ଖଲିକୋଟ କଲେଜ୍‌ରେ ଅଧ୍ୟାପନା କରୁଛନ୍ତି। ଦୁଇ ପୁଅ ସତ୍ୟପ୍ରିୟ ଓ ସୌମ୍ୟକାନ୍ତ ହାଇଦ୍ରାବାଦ୍‌ରେ ଘରୋଇ କମ୍ପାନୀରେ କାମ କରନ୍ତି। ପଶୁପକ୍ଷୀଙ୍କ ପେଟ କଥା ବୁଝୁଥିବା ଏହି ଦରଦୀ ମଣିଷ ଅନ୍ୟପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ନିଶ୍ଚୟ।



ପକ୍ଷୀଙ୍କୁ ଖାଦ୍ୟ ଦେଉଛନ୍ତି ସନ୍ତୋଷ।






## ଆକସ୍ମିକ ଭାବେ ଜଳିଗଲା ଘର

# ୧୧ ବଖରା ଭସ୍ମ, ଗ୍ରାମବାସୀ ଭୟଭୀତ

**ତିର୍ତ୍ତୋଲ, ୧୬।୩ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତର ଦୁର୍ଦ୍ଧା ଗ୍ରାମରେ ଶନିବାର ଆକସ୍ମିକ ଭାବରେ ଅଗ୍ନିକାଣ୍ଡ ଘଟି ୭ ପରିବାରଙ୍କ ୧୧ ବଖରାରୁ ଅଧିକ ଘର ପୋଡ଼ିଯାଇଛି। ପୂର୍ବାହ୍ନରେ ପ୍ରଥମେ ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ଘରେ ନିଆଁ ଲାଗିଥିଲା। ପରେ ପାଖରେ ଥିବା ବଂଶୀଧର ସ୍ୱାଇଁ, ନିରଞ୍ଜନ ସ୍ୱାଇଁଙ୍କ ଘରକୁ ବ୍ୟାପିଥିଲା। ତାହୁଁ ତାହୁଁ ଗ୍ରାମର ଶୁଭକାନ୍ତ ବେହେରା, ଅନନ୍ତ ମଲ୍ଲିକ, ନିମାଇଁ ଜେନା, ଟୁଲୁ ସ୍ୱାଇଁଙ୍କ ଘରେ ମଧ୍ୟ ନିଆଁ ଲାଗିଯାଇଥିଲା। ଖବରପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ସମସ୍ତଙ୍କ ଆସବାବପତ୍ର, ଖାଦ୍ୟଶସ୍ୟ ପୋଡି ନଷ୍ଟ ହୋଇଯାଇଛି। ଏଥିରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ନଷ୍ଟ ହୋଇଛି। ତେବେ କିପରି ନିଆଁ ଲାଗିଲା ତାହା ଜଣାପଡିନାହିଁ। ଏହାକୁନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଭୌତିକ କାଣ୍ଡରୁ ଏଭଳି ହୋଇଥିବା କୁହାଯାଉଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

# ଅବକାରୀ ଚଢ଼ାଉ, ୪ ଗିରଫ

**ଆଠଗଡ଼, ୧୬।୩(ସ୍ୱ.ପ୍ର.)**

କଟକ ଜିଲା ଅବକାରୀ ଅଧୀକ୍ଷକ ଅଶୋକ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶନିବାର ଚଢାଉ କରାଯାଇଥିଲା। ଏହି ସମୟରେ ବହୁ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ତିଗିରିଆ ଥାନା ଅଞ୍ଚଳର ବାସନ୍ତୀ ସାହୁ, ପାଞ୍ଚଗାଁର ଭ୍ରମରବର ସାହୁ, ଖୁଣ୍ଟଣୀ ପଦୀ ଦେଈ, ମାଧପୁରର ସୁରେନ୍ଦ୍ର ରାଉତ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେପରି ଜଳ ସହିତ ତେଲ ମିଶିପାରେ ନାହିଁ, ସେହିପରି ପାପୀମାନଙ୍କ ସଂସ୍ପର୍ଶରେ ଆସିଲେ ମଧ ପୁଣ୍ୟାତ୍ମାମାନେ ସେମାନଙ୍କର ନିଜତ୍ୱକୁ ତ୍ୟାଗ କରିପାରନ୍ତି ନାହିଁ।
- ମହର୍ଷି ପରାଶର



## ଏଇ ସପ୍ତାହର କାର୍ଯ୍ୟକ୍ରମ

■୧୭ ତାରିଖ (ରବିବାର)
ନୟାଗଡ଼ ଦର୍ପଣର ଉଦ୍‌ଯାପନୀ ସମାରୋହ, ସ୍ଥାନ- ପଠାଣି ସାମନ୍ତ ସଂସ୍କୃତି ଭବନ, ନୟାଗଡ଼, ସମୟ- ଅପରାହ୍ନ ୪ଟା

■ଘରଚଟିଆ ସଂରକ୍ଷଣ ସଚେତନତା, ସ୍ଥାନ- ଶିଖରପୁର, ଖଣ୍ଡପଡ଼ା, ସମୟ- ପୂର୍ବାହ୍ନ ୧୦ଟା

■୨୦ ତାରିଖ (ସୋମବାର)
ରାମନବମୀ ମହୋତ୍ସବ-୨୦୧୯ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ- ବ୍ଲକ ସମ୍ମିଳନୀ କକ୍ଷ, ଓଡ଼ଗାଁ, ସମୟ- ଅପରାହ୍ନ ୩ଟା

## ସଂକ୍ଷେପରେ

### ରାଜସ୍ୱ ବିଭାଗର ଚଢ଼ାଉ: କମ୍ପ୍ରେସର, ଟ୍ରାକ୍ଟର ଜବତ



**ଖଣ୍ଡପଡା,୧୬।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଅତିରିକ୍ତ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ କୌଣସି ସୂତ୍ରରୁ ଖବର ପାଇ ଶନିବାର ରାଜକିଆରି ଛକ ନିକଟ ଏକ ପଥର ଖଣିରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ସେ ସେଠାରୁ ଏକ କମ୍ପ୍ରେସର ଜବତ କରିଥିଲେ। ସେହିପରି ସିଧାମୂଳା ବାଲିଘାଟରୁ ବେଆଇନ ଭାବେ ଚାଲାଣ ହେଉଥିବା ଏକ ବାଲିବୋଝେଇ ଟ୍ରାକ୍ଟର ଜବତ କରାଯାଇଥିବା ଜଣାପଡିଛି। ଜବତ କମ୍ପ୍ରେସରଠାରୁ ୫୦ହଜାର ଓ ବାଲି ବୋଝେଇ ଗାଡିରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ସୁକାନ୍ତ କୁମାର ମାଝି ସୂଚନା ଦେଇଛନ୍ତି।

### ଦେଉଳି ଗ୍ରାମରେ ଶଙ୍ଖ କାର୍ଯ୍ୟକ୍ରମ

**ବୋଲଗଡ,୧୬।୩(ଡି.ଏନ.ଏ):** ବୋଲଗଡ଼ ବ୍ଲକର ଗୋପାଳପୁର ପଞ୍ଚାୟତ ଦେଉଳି ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ନବୀନ ପଟ୍ଟନାୟକ ସରକାରଙ୍କ ଜନହିତକର ଯୋଜନା ଏବଂ କାର୍ଯ୍ୟକ୍ରମ ବିଷୟରେ ଲେଖାଥିବା ଏକ ଫର୍ମରେ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରାଯାଇ ଏକ ବାକ୍ସ ମାଧ୍ୟମରେ ରଖାଯାଉଛି। ବେଗୁନିଆ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଦେଉଳି ଗ୍ରାମରେ କେତେକ ଘରକୁ ଯାଇ ଏପରି ମତାମତ ସଂଗ୍ରହ କରିଛନ୍ତି। ଏହି ଅବସରରେ ଉକ୍ତ ଗ୍ରାମରେ ଆୟୋଜିତ ଏକ ଦଳୀୟ ସଭାରେ ସ୍ଥାନୀୟ ଅଞ୍ଚଳରୁ ଶତାଧିକ ମହିଳା ଯୋଗଦେଇଥିଲେ। ବିଗତ ସାଢେ ଚାରି ବର୍ଷ ମଧ୍ୟରେ ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ଜଗଦେବ କହିଥିଲେ। ବେଗୁନିଆ ନିର୍ବାଚନ ମଣ୍ଡଳୀକୁ ଆଗାମୀ ଦିନରେ ଅଧିକରୁ ଅଧିକ ବିକଶିତ କରାଯିବା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା,ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ସ୍ୱାଇଁ, ବିଜେଡିର ଖୋର୍ଦ୍ଧା ଜିଲା ମହିଳା ପର୍ଯ୍ୟବେକ୍ଷକ ପୁଷ୍ପାଞ୍ଜଳି ପାଣି, ବିଜୟ କୁମାର ଲେଙ୍କା, ବ୍ଲକ ମହିଳା ମହାସଂଘର ସଭାପତି ଶୈଳବାଳା ବାହିନୀପତି ଓ ସମ୍ପାଦିକା ଗୀତାଞ୍ଜଳି ମହାନ୍ତି ପ୍ରମୁଖଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

■ ସୁରକ୍ଷା ଆଇନ ଢ଼ିଲା, ସଙ୍କଟରେ ବନ୍ୟଜନ୍ତୁ

# ମଣିଭଦ୍ରା ପର୍ବତ ଶିକାରୀଙ୍କ ଚରାଭୂଇଁ

**ଗଣିଆ,୧୬।୩ (ଡି.ଏନ.ଏ.)**

ନୟାଗଡ଼ ବନଖଣ୍ଡର ଗଣିଆ ବନାଞ୍ଚଳ ଅନ୍ତର୍ଗତ ମଣିଭଦ୍ରା ଓ ସାତପୁରୀ ଜଙ୍ଗଲ ଏବେ ଶିକାରୀଙ୍କ ଚରାଭୂଇଁ ପାଲଟିଛି। ସେମାନେ ଅବାଧରେ ଏହି ଜଙ୍ଗଲରୁ ବାର୍ହା, ହରିଣ, କୁଟୁରା, ସମ୍ବର ଶିକାର କରି ବାହାର ଅଞ୍ଚଳକୁ କଟା ମାଂସ ଚାଲାଣ କରୁଛନ୍ତି। ଅନେକ ସମୟରେ ଜନ୍ତୁ ଶିକାର ପରେ ତାହାକୁ ଗୋଟା ଦରରେ ମଧ୍ୟ ବିକ୍ରି କରାଯାଉଛି। ଶିକାରୀମାନେ ମୁଖ୍ୟତଃ ସାତପୁରୀ, ଓସ୍ତପଠା, ମଣିଭଦ୍ରା ସମେତ ଆଖପାଖ ଜଙ୍ଗଲରେ ଏହି ବେଆଇନ କାର୍ଯ୍ୟ କରିଚାଲିଛନ୍ତି। ବିଦ୍ୟୁତ୍ ତାର ବିଛାଇ, ଫାଶ ପକାଇ, ବମ୍ ଓ ଚୋରା ଦେଶୀ ବନ୍ଧୁକ ଦ୍ୱାରା ସେମାନେ ଅବାଧରେ ବନ୍ୟଜନ୍ତୁ ଶିକାର କରୁଛନ୍ତି।

ଗତ ଫେବୃୟାରୀ ୬ ତାରିଖରେ ସମ୍ବର ଶିକାର ଘଟଣାରେ ଓସ୍ତପଠା ମଠର ବାବା କୃଷ୍ଣ ଦାସ ଓ ଖଣ୍ଡପଡା ଅଞ୍ଚଳର ଜଣେ ଶିକାରୀଙ୍କୁ ଗଣିଆ ବନବିଭାଗ ଅଧିକାରୀମାନେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେତେବେଳେ ବନ କର୍ମଚାରୀମାନେ ବାବାଙ୍କ ମଠରୁ ସମ୍ବର ମାଂସ ସହ ଏକ ଚୋରା ଦେଶୀ ବନ୍ଧୁକ ଓ ଫାଶରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ । ସେହିପରି ଚଳିତ



ଶିକାରୀ କୁକୁର ଆକ୍ରମଣରେ ମୃତ ଶିଙ୍ଗାଳ।

ମାର୍ଚ୍ଚ ୧୦ ତାରିଖ ଅପରାହ୍ନରେ ମଣିଭଦ୍ରା ପର୍ବତ ଓ ଛାଡମୂଳ ଗ୍ରାମ ନିକଟ ଜଙ୍ଗଲରୁ ବାର୍ହା ଶିକାର କରି ଫେରୁଥିବା ବେଳେ ଛାମୁଣ୍ଡିଆ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଦିଲୀପ ନାୟକ ନାମକ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ମାଂସ ଓ ଏକ ଚୋରା ଦେଶୀ ବନ୍ଧୁକ ଜବତ କରିଥିଲେ। ଏହି ଘଟଣାର ୩ଦିନ ପରେ ଅର୍ଥାତ୍ ଗତ ୧୩ତାରିଖ ଅପରାହ୍ନରେ ମଣିଭଦ୍ରା ନିକଟ ମହୁକଣ ପାର୍ଶ୍ୱରୁ ଏକ ଶିଙ୍ଗାଳ (ଅଣ୍ଡିରା ହରିଣ)କୁ ଶିକାରୀ କୁକୁରମାନେ ଗୋଡାଇ ଗୋଡାଇ ବୃଢଙ୍ଗ ନଦୀର ପଶ୍ଚିମପାର୍ଶ୍ୱ ମହନାପଦା ଗ୍ରାମ ନିକଟରେ ମାରିଥିବା ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାଯାଇଛି। ଅନ୍ୟପକ୍ଷରେ ଗତ କିଛିମାସ ତଳେ ଶିକାରୀମାନେ ମଣିଭଦ୍ରା ଜଙ୍ଗଲରେ ବିଦ୍ୟୁତ୍ ତାର ଦ୍ୱାରା ଫାଶ ବିଛାଇଥିବା ବେଳେ ଜାଳେଣି କାଠ ସଂଗ୍ରହ ପାଇଁ ଯାଉଥିବା ନିକଟ ଗ୍ରାମର ଜଣେ ବ୍ୟକ୍ତି ଫାଶରେ ପଡି ଗୁରୁତର ଆହତ ହୋଇଥିଲେ। ପରେ ଶିକାରୀମାନେ ସ୍ଥାନୀୟ ରାଜନୈତିକ ବ୍ୟକ୍ତିମାନଙ୍କ ମଧ୍ୟସ୍ଥତାରେ ବନବିଭାଗ କର୍ମଚାରୀମାନଙ୍କ ସହ ଭିତିରି ବୁଝାମଣା କରିବା ସହ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ଖର୍ଚ୍ଚ ଦେଇ ଘଟଣାକୁ ଚପାଇ ଦେଇଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଆଇନ ଢିଲା କାରଣରୁ ମଣିଭଦ୍ରା ଓ ସାତପୁରୀ ଜଙ୍ଗଲ ଶିକାରୀମାନଙ୍କ ଚରାଭୂଇଁ ପାଲଟିଛି। ଅପରପକ୍ଷେ ମଣିଭଦ୍ରା ପର୍ବତ ପାଦଦେଶର ଡଙ୍କାରିସାହି ଗ୍ରାମଠାରେ ଏକ ଫରେଷ୍ଟଗାର୍ଡ ବିଟ୍ ହାଉସ ରହିଛି। ହେଲେ ଏହାର ନିର୍ମାଣ ଦିନଠାରୁ ଗତ ୫ବର୍ଷ ଧରି ଏଠାରେ କୌଣସି କର୍ମଚାରୀ ରହୁନାହାନ୍ତି। ଗ୍ରୀଷ୍ମଋତୁରେ ଜଙ୍ଗଲରେ ନିଆଁ ଲାଗିବା ଓ ପାଣି ପିଇବା ପାଇଁ ବନ୍ୟଜନ୍ତୁମାନେ ନିକଟସ୍ଥ ଜଳାଶୟକୁ ଆସୁଥିବା ବେଳେ ଶିକାରୀ ଓ ଶିକାରୀ କୁକୁରମାନଙ୍କ ହାବୁଡରେ ପଡି ମୃତ୍ୟୁମୁଖରେ ପଡୁଛନ୍ତି। ବନ, ବନ୍ୟଜନ୍ତୁ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରତିବର୍ଷ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ବନ ବିଭାଗ କର୍ମଚାରୀଙ୍କ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ଜୈବବିବିଧତାର ଗନ୍ତାଘର ପାଲଟିଥିବା ମଣିଭଦ୍ରା ଓ ସାତପୁରୀ ଜଙ୍ଗଲରୁ ହରିଣ, ବାର୍ହା, କୁଟୁରା, ସମ୍ବର, ଝିଙ୍କ ଆଦି ବନ୍ୟଜନ୍ତୁ ଲୋପ ପାଇବା ଆଶଙ୍କା ଦେଖାଦେଇଛି । ଏ ସମ୍ପର୍କରେ ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଏଭଳି ଘଟଣା ନେଇ ଖବର ମିଳିବା ପରେ ଆମେ ତୁରନ୍ତ ପଦକ୍ଷେପ ନେଉଛୁ । ଯଦି ଆପଣମାନେ କୌଣସି ଖବର ପାଉଛନ୍ତି ଆମକୁ ଜଣାଇଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

■ ଶ୍ରୀନୀଳମାଧବ ପୀଠରେ ଫଗୁ ଦଶମୀ

# ଦୟଣାଚୋରି ବଗିଚାକୁ ବିଜେ ହେଲେ ଠାକୁର



ଫଗୁ ଦଶମୀରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଖଣ୍ଡପଡା,୧୬।୩(ସ୍ୱ.ପ୍ର.)**

ଫାଲ୍‌ଗୁନ ଶୁକ୍ଳପକ୍ଷ ଦଶମୀ ତିଥି ଶନିବାରଠାରୁ ଠାକୁରଙ୍କ ଦୋଳ ପର୍ବ (ଫଗୁ ଦଶମୀ) ଆରମ୍ଭ ହୋଇଛି। ଏହି ଅବସରରେ କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ମନ୍ଦିର ସିଂହଦ୍ୱାର ଅନତି ଦୂରରେ ଥିବା ଶ୍ରୀଜୀଉଙ୍କ ଦୟଣାଚୋରି ବଗିଚାକୁ ବିଜେ କରାଯାଇଥିଲା।

ପରମ୍ପରା କ୍ରମେ ଫାଲ୍‌ଗୁନ ଶୁକ୍ଳ ଦଶମୀ ତିଥିରେ ନୀଳମାଧବ ଜୀଉଙ୍କ ନିକଟରେ ସନ୍ଧ୍ୟା ଆଳତି ପରେ ଚଣା, ଖଜା ଓ ଆମ୍ବ ପୂଜା ହୋଇ ଠାକୁରଙ୍କ ପାଖରେ ଫଗୁ ଲାଗି ହୋଇଥାଏ । ଏହା ପରେ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ନୀଳମାଧବଜୀଉଙ୍କ ଦୟଣାଚୋରି ବଗିଚାକୁ ବିଜେ କରାଯାଏ। ତେବେ ପୂର୍ବ ପରମ୍ପରା କ୍ରମେ ପ୍ରତିବର୍ଷ ଦୋଳ ଓ ଚମ୍ପକ ଦ୍ୱାଦଶୀରେ ଠାକୁର ଏହି ବଗିଚାକୁ ବିଜେ ହୋଇଥାନ୍ତି। ଏହାଛଡା ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ସେଠାରେ ଥିବା ଏକ ପୋଖରୀରେ ଚାପ ଖେଳିଥାନ୍ତି। ମାତ୍ର ସମୟାନୁକ୍ରମେ ଠାକୁର ବଜାର ନିକଟରେ ଖନନ କରାଯାଇଥିବା ଏକ ଚନ୍ଦନ ପୁଷ୍କରିଣୀକୁ ପ୍ରତି ଅକ୍ଷୟ ତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ଜଳକ୍ରୀଡା (ଚାପ)କରିବାକୁ ଯାଉଛନ୍ତି । ଠାକୁର ଶନିବାର ସନ୍ଧ୍ୟା ପ୍ରାୟ ୮ଟାରେ ବଗିଚାକୁ ବିଜେ ହେବା ପରେ ସେଠାରେ ଦୋଳ ନୀତି ଓ ଚଣା, ଖଜା, ଆମ୍ବ ପୂଜା କରାଯାଇ ଆଳତି ହୋଇଥିଲା। ଠାକୁରଙ୍କୁ ଫଗୁରେ ଚନ୍ଦନ ମିଶ୍ରଣ କରାଯାଇ ପ୍ରଲେପ ଦିଆଯିବା ପରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କ ଦେହରେ ଫଗୁ ଛିଞ୍ଚାଯାଇଥିଲା। ଏହାପରେ ଶ୍ରୀ ଜୀଉଙ୍କୁ ବିମାନରେ ବିଜେ କରାଯାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ସନ୍ଧ୍ୟାଧୂପ, ବଡ ସିଂହାର, ଡମ୍ବରୁ ବିଜେ, ବିଡିଆ ଲାଗି ପରେ ଠାକୁର ପହଡ ଯାଇଥିଲେ। ରବିବାରଠାରୁ ୩ଦିନ ପର୍ଯ୍ୟନ୍ତ ଠାକୁରଙ୍କୁ ସନ୍ଧ୍ୟା ଧୂପପରେ ବଗିଚାକୁ ବିଜେ କରାଯିବାର ପରମ୍ପରା ରହିଛି ।

# ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା

**ଓଡ଼ଗାଁ,୧୬।୩(ସ୍ୱ.ପ୍ର.)**

ନୟାଗଡ ଜିଲାର ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ପୀଠରେ ପ୍ରତିଦିନ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ବହୁଳ ଆଗମନ ପରିଲକ୍ଷିତ ହେଉଛି । ଏପରିସ୍ଥଳେ ସ୍ଥାନୀୟ ବିଜ୍ଞାପିତ ଅଞ୍ଚଳ ପରିଷଦରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସପ୍ତାହେ ହେଲା ଏନଏସି ଦ୍ୱାରା ସଫେଇ କାର୍ଯ୍ୟ ଆଦୌ ହେଉ ନ ଥିବାରୁ ମନ୍ଦିର, ବଜାର, ସାହି ୱାର୍ଡ ସମସ୍ତ ଅଞ୍ଚଳରେ କୁଢ କୁଢ ଅଳିଆ ଆବର୍ଜନା ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି କରୁଛି। ଏଥିପ୍ରତି କାହାରି ନିଘା ନାହିଁ। ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସ୍ଥାନୀୟ ସଦର ଓ ଦଳକ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ପୂର୍ବରୁ ସହରରେ ଥିବା ବିଭିନ୍ନ ବଜାରକୁ ବଜାର କମିଟି ଦ୍ୱାରା ସଫେଇ କରାଯାଉଥିବା ବେଳେ ଏନଏସିର ବିଭିନ୍ନ ୱାର୍ଡରେ ଲୋକମାନେ ଯେ ଯାହାର ସଫେଇ କରୁଥିଲେ। ଏନଏସି ଦ୍ୱାରା ନିୟୋଜିତ ସଫେଇ କର୍ମଚାରୀ ସାହି ସାହି ବୁଲି ହୁଇସିଲ ମାରି ଅଳିଆ ସଂଗ୍ରହ କରିବା ସହିତ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ହେଲେ ହଠାତ୍ ସପ୍ତାହେ





ଓଡ଼ଗାଁ ବଜାର ମୁଖ୍ୟ ଛକ ରାସ୍ତା ପାର୍ଶ୍ୱରେ ଅଳିଆ ଗଦା।

**ଓଡ଼ଗାଁ ଏନ୍‌ଏସି**

ହେଲା ଏନଏସି ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଫଳରେ ଡାକ୍ତରଖାନା, ଶିକ୍ଷାନୁଷ୍ଠାନ ପାନୀୟ ଜଳ ଷ୍ଟାଣ୍ଡପୋଷ୍ଟ, ମନ୍ଦିର, ବିଭିନ୍ନ କାର୍ଯ୍ୟାଳୟ, ଛକ ବଜାର ଓ ସାହି ୱାର୍ଡ ଅଞ୍ଚଳରେ ସବୁଠି କୁଢ କୁଢ ଅଳିଆ ଗଦା। ଏ ସମ୍ପର୍କରେ ସ୍ଥାନୀୟ ଏନଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ସାନିଟେଶନ ୱାର୍କ ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଠିକା ନେଇଥିବା ସର୍ଭିସ ପ୍ରୋଭାଇଡର ସଂସ୍ଥା ଏଯାବତ୍ ସ୍ଥାନୀୟ ଅଞ୍ଚଳର ସଫେଇ କର୍ମଚାରୀଙ୍କୁ କାମରେ ଲଗାଇ ପାରିନି। ଏ ନେଇ ସମ୍ପୃକ୍ତ ଏଜେନ୍ସି ସହିତ ସେ ଆଲୋଚନା କରିଥିବା ବେଳେ ଦିନେ ଦୁଇ ଦିନ ମଧ୍ୟରେ ପରିମଳ ବ୍ୟବସ୍ଥା ନେଇ ଲାଗି ରହିଥିବା ଅଚଳାବସ୍ଥାରେ ସୁଧାର ଆସିବ ବୋଲି ସେ କହିଥିଲେ । ଅନ୍ୟପକ୍ଷେ ଏହି କାର୍ଯ୍ୟରେ ନିୟୋଜିତ ପୂର୍ବ ଏଜେନ୍ସି କୁଆଡେ ସଫେଇ କର୍ମଚାରୀଙ୍କ ଭବିଷ୍ୟନିଧି (ପିଏଫ୍)ବାବଦ ପ୍ରାୟ ଦୁଇ ଲକ୍ଷ ଟଙ୍କା ଜମା କରି ନ ଥିବାରୁ ସେମାନେ କାମରେ ଯୋଗ ଦେବାକୁ ଅରାଜି ହେଉଥିବା ଜଣାଯାଇଛି । ଏ ନେଇ ଉପଜିଲାପାଳ ତଥା ଏନଏସି ପ୍ରଶାସକ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ପର୍ଯ୍ୟଟନ କ୍ଷେତ୍ର କଣ୍ଟିଲୋରେ ଷ୍ଟେଟବ୍ୟାଙ୍କ ଶାଖା ଖୋଲିବାକୁ ଦାବି

**ଖଣ୍ଡପଡା,୧୬।୩(ସ୍ୱ.ପ୍ର.)**

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉ ପର୍ଯ୍ୟଟନ କେନ୍ଦ୍ର ମାନ୍ୟତା ପାଇଥିବା ବେଳେ ପ୍ରତ୍ୟହ ଏଠାକୁ ବହୁ ପର୍ଯ୍ୟଟକ ଆସୁଛନ୍ତି। କଂସାପିତ୍ତଳ ବାସନ ଶିଳ୍ପ ପାଇଁ ମଧ ଏହି ସ୍ଥାନ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି। ଫଳରେ ଦୈନିକ ଶତାଧିକ ଯାତ୍ରୀ ଓ ଭକ୍ତ ଦର୍ଶନ ଓ ବ୍ୟବସାୟ ଲକ୍ଷ୍ୟରେ ଏଠାକୁ ଆସିଥାନ୍ତି। ଏହାଛଡା କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳର ଶତାଧିକ ସରକାରୀ ଚାକିରିଆ ଓ ପେନ୍‌ସନଧାରୀ ବ୍ୟକ୍ତି ପ୍ରତି ମାସରେ ସେମାନଙ୍କ ପ୍ରାପ୍ୟ ନିମନ୍ତେ ବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି । କଣ୍ଟିଲୋରେ ଥିବା ଏକମାତ୍ର ଜାତୀୟକରଣ ୟୁକୋ ବ୍ୟାଙ୍କ ଗ୍ରାହକମାନଙ୍କୁ ସେବା ଯୋଗାଇବାରେ ସର୍ବଦା ଅବହେଳା ପ୍ରଦର୍ଶନ କରୁଥିବା ବହୁ ଉପଭୋକ୍ତା ଅଭିଯୋଗ କରୁଛନ୍ତି। ବିଶେଷ କରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଉକ୍ତ ବ୍ୟାଙ୍କରୁ ଉପଯୁକ୍ତ ସେବା ନ ପାଇ ନାନା ହଇରାଣ ହେଉଥିବା ଅଭିଯୋଗ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବାହାରୁ ଦୂରଦୂରାନ୍ତରୁ ଏଠାକୁ ଆସୁଥିବା ଯାତ୍ରୀ ଓ ଅଞ୍ଚଳବାସୀଙ୍କ ସୁବିଧା ପାଇଁ କଣ୍ଟିଲୋଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଖୋଲାଯିବାକୁ ସାଧାରଣରେ ଦାବି ହେଉଛି।

■ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ନୂଆଗାଁ,୧୬।୩ (ଡି.ଏନ.ଏ.)**



ଗ୍ରାମରେ ପହଞ୍ଚି ପୋଲିସ ତଦନ୍ତ କରୁଛି।

ନୟାଗଡ଼ ଜିଲା ନୂଆଗାଁ ଥାନା ବଡଗୋଠ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ସାବିତ୍ରୀ କାଠୁଆ। ପ୍ରାଥମିକ ତଦନ୍ତରୁ ପୋଲିସ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ମହିଳାଙ୍କ ବାପା ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ୨୬/୧୯ରେ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଫତେଗଡ ଥାନା ଭଗବାନପୁର ଗ୍ରାମର ସାଗର କାଠୁଆଙ୍କ ଝିଅ ସାବିତ୍ରୀଙ୍କୁ ନୂଆଗାଁ ଥାନା ଖୁଣ୍ଟବନ୍ଧ ଗ୍ରାମର ରାଜୁ ବେହେରା ୧୦ମାସ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ସେ ସମୟରେ ବରପକ୍ଷର ଦାବି ମୁତାବକ ସମସ୍ତ ଜାନିଯୌତୁକ ଦିଆଯାଇଥିଲା। କିନ୍ତୁ କିଛିମାସ ପରେ ଅଧିକ ଯୌତୁକ ଦାବିକରି ଶାଶୁଘର ଲୋକେ ସାବିତ୍ରୀଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ। ଏହାକୁ ନେଇ କଳହ ଲାଗିରହିଥିବାବେଳେ ତିନିମାସ ତଳେ ଭଦ୍ରଲୋକଙ୍କ ଉପସ୍ଥିତିରେ ଏହାର ସମାଧାନ ହୋଇଥିଲା। ଏପରିସ୍ଥଳେ ଶୁକ୍ରବାର ସାବିତ୍ରୀ ନିଜ ନଣନ୍ଦ ରୀନା ସାସମଲଙ୍କ ଘର ବଡଗୋଠକୁ ଯାଇଥିବା ବେଳେ ସେଠାରେ ତାଙ୍କ ମୃତଦେହ ବନ୍ଦ କୋଠରି ମଧ୍ୟରେ ଏକ ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଝିଅର ବାପା କୌଣସି ସୂତ୍ରରୁ ଖବର ପାଇ ଆସି ନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ରାଜୁ ଓ ତାଙ୍କ ଭଉଣୀ ରୀନା ଝିଅକୁ ମାରିଦେଇ ଆତ୍ମହତ୍ୟାର ରୂପ ଦେବା ପାଇଁ ଫ୍ୟାନରେ ଝୁଲାଇ ଦେଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ନୂଆଗାଁ ପୋଲିସ ଉପସ୍ଥିତିରେ ଘରର କବାଟ ଭଙ୍ଗାଯାଇ ମୃତଦେହ ଉଦ୍ଧାର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି।

## ଶୀତଳା ଠାକୁରାଣୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖଣ୍ଡପଡା,୧୬।୩(ସ୍ୱ.ପ୍ର.):** କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ଦକ୍ଷିଣପାର୍ଶ୍ୱରେ ବିଜେ ମା' ଶୀତଳା ଦେବୀଙ୍କ ୨ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶନିବାର ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା, ଅଧିବାସ ଓ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପୂର୍ଣ୍ଣାହୁତି ସମୟରେ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଯଜ୍ଞ ନାରାୟଣଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ ମହାରଣା ଓ ପ୍ରଦୀପ କୁମାର ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ପୁରୋହିତ ଭାବେ କୃଷ୍ଣଚନ୍ଦ୍ର ଶତପଥୀ ହୋମକାର୍ଯ୍ୟ ସମ୍ପାଦନ କରିଥିଲେ ।

# ମରାମତି ହେଉନି ପୂର୍ତ୍ତ ରାସ୍ତା, ଲୋକେ ହୀନସ୍ତା

**ବୋଲଗଡ,୧୬।୩(ଡି.ଏନ.ଏ.)**

ରାଜସୁନାଖଳାସ୍ଥିତ ୫୭ନଂ ଜାତୀୟ ରାଜପଥଠାରୁ ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ଏବଂ ସାଗରଗାଁ ଅଞ୍ଚଳକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ବିଭିନ୍ନ ସ୍ଥାନରେ ମରଣଯନ୍ତା ପାଲଟିଛି। ଦୀର୍ଘ ଦିନ ଧରି ଉକ୍ତ ରାସ୍ତା ମରାମତି ହେଉନି। ରାଜସୁନାଖଳାଠାରୁ ବାଙ୍କୋଇ ପର୍ଯ୍ୟନ୍ତ ପ୍ରାୟ ୫କିମି ଯାଏ ରାସ୍ତା ଶୋଚନୀୟ ହୋଇପଡିଛି । ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ପ୍ରକାଶ ଯେ, ରାଜସୁନାଖଳାଠାରୁ ତ୍ରିନାଥ ବଜାରସ୍ଥିତ କଲ୍ୟାଣ ମଣ୍ଡପ ନିକଟରେ ଥିବା ରାସ୍ତା ଅଣଓସାରିଆ ହୋଇଯାଇଛି । ଏହା ବଜାର ଅଞ୍ଚଳ ହୋଇଥିବା କାରଣରୁ ଅନେକ ସମୟରେ ଯାନବାହନ ଯାତାୟାତ ପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ସେହିପରି ଏଠାରୁ ସାନକୁମାରୀ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ଦେଖିବାକୁ ମିଳୁଛି। ସେହିଭଳି ବଡକୁମାରୀ ଏବଂ ହାଟବସ୍ତ ମଧ୍ୟରେ ଥିବା ଏକ ପୋଲ ଉପରୁ ପିଚୁ ସମ୍ପୂର୍ଣ୍ଣ ଛାଡି ଯାଇଛି । ଫଳରେ ଏଠାରେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଏହି ପୋଲ ନିକଟରେ ଅନ୍ୟ ଏକ ସ୍ଥାନରେ ରାସ୍ତାର ଦୁଇ ପାର୍ଶ୍ୱରୁ ପିଚୁ ତାଡି ହୋଇ ପ୍ରାୟ ଏକ ଫୁଟ ଗଭୀର ଖାଲ ସୃଷ୍ଟି ହୋଇଛି । ଫଳରେ ଯାତାୟାତ ପାଇଁ ଯାନବାହନଗୁଡିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ବିଭିନ୍ନ ସ୍ଥାନରେ ରାସ୍ତା ମରାମତିର ଆବଶ୍ୟକତା ରହିଥିଲେ ମଧ୍ୟ ତାହା କରାଯାଉନାହିଁ। ଉଲ୍ଲେଖ ଥାଉକି ଏହି ରାସ୍ତାଟି ପ୍ରତ୍ୟହ ଜନଗହଳି ରହିଥାଏ। ବିଭିନ୍ନ ସ୍କୁଲ କଲେଜକୁ ପିଲାମାନେ ପାଠ ପଢିବା ପାଇଁ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଅପରପକ୍ଷେ ରାଜସୁନାଖଳା ବଜାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ଏହି ରାସ୍ତାରେ ପ୍ରାୟ ଶତାଧିକ ଗ୍ରାମର ଲୋକେ ଯାତାୟାତ କରିଥାନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ତୁରନ୍ତ ମରାମତି କରାଯିବାକୁ ସାମାଜିକ କର୍ମୀ,ବୁଦ୍ଧିଜୀବୀ ଏବଂ ବିଭିନ୍ନ ପଞ୍ଚାୟତ ପ୍ରତିନିଧିମାନେ ଦାବି କରୁଛନ୍ତି।



ଧଳାପଥର ରାସ୍ତାର କୁମାରୀଠାରେ ଶୋଚନୀୟ ହୋଇପଡ଼ିଥିବା ରାସ୍ତା ।

# ୮ରୁ ୭ବ୍ଲକରେ ନାହିଁ ବସ୍‌ଷ୍ଟାଣ୍ଡ

**ନୟାଗଡ଼ ଅଫିସ,୧୬।୩**

ଜିଲାରେ ୮ରୁ ୭ ବ୍ଲକର ମୁଖ୍ୟାଳୟଠାରେ ନାହିଁ ବସ୍‌ଷ୍ଟାଣ୍ଡ । କେବଳ ନୟାଗଡ଼ ସହରକୁ ଛାଡ଼ିଦେଲେ ଅନ୍ୟ କେଉଁଠି ବସ୍‌ଷ୍ଟାଣ୍ଡର ସୁବିଧା ନାହିଁ। ଷ୍ଟାଣ୍ଡ ନ ଥିବାରୁ ମନଇଚ୍ଛା ଗାଡ଼ି ଡ୍ରାଇଭରମାନେ ଯିଏ ଯେଉଁଠି ପାରୁଛନ୍ତି ଗାଡି ରଖୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ଗୁରୁତର ହେବା ସହିତ ଲୋକମାନେ ହଇରାଣ ହେଉଛନ୍ତି। ସେହିଭଳି ବସ୍ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଶୌଚାଳୟ ଓ ପରିସ୍ରାଗାର ସୁବିଧା ମଧ କରାଯାଇ ନ ଥିବା ଦେଖିବାକୁ ମିଳୁଛି। ଜିଲା ସଦର ମହୁକୁମାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣାଧୀନ ଥିବାବେଳେ କେବେ କାର୍ଯ୍ୟକ୍ଷମ ହେବ ତାହା ନେଇ ଆଶଙ୍କା ପ୍ରକାଶ ପାଇଛି। ଉଦ୍‌ଘାଟନର ୧୬ ବର୍ଷ ବିତିଯାଇଥିଲେ ମଧ୍ୟ ସଦର ମହକୁମାରେ ଏ ପର୍ଯ୍ୟନ୍ତ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ପ୍ରଶାସନିକ ଅବହେଳା ହିଁ ଏହାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି।

ପ୍ରକାଶ ଯେ, ଜିଲା ଦେଇ ୫୭ ନଂ.ଜାତୀୟ ରାଜପଥ , ରାଜ୍ୟ ରାଜପଥ ନଂ.୨୧ ଓ ୪୮ ଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ଖୋର୍ଦ୍ଧା, ଭୁବନେଶ୍ୱର, ବଲାଙ୍ଗୀର, ଫୁଲବାଣୀ, ପୁରୀ, ବ୍ରହ୍ମପୁର ଆଦି ଅଞ୍ଚଳକୁ ବସ୍‌ରେ ଲୋକମାନେ ଯାତାୟାତ କରନ୍ତି। ଜିଲାରେ ନୟାଗଡ଼ ପୌରାଞ୍ଚଳ ଥିବାବେଳେ ରଣପୁର, ଦଶପଲ୍ଲା , ଖଣ୍ଡପଡ଼ା ଓ ଓଡ଼ଗାଁ ୪ଟି ଏନ୍‌ଏସି ରହିଛି । ହେଲେ କୌଣସି ଏନ୍‌ଏସିରେ ବସ୍‌ଷ୍ଟାଣ୍ଡର ସୁବିଧା ନାହିଁ। ଫଳରେ ସବୁ ବସ୍ ବଜାର ଉପରେ ରହୁଛି ଓ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି।

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋରେ ପ୍ରସିଦ୍ଧ ନୀଳମାଧବଙ୍କ ପୀଠ ରହିଛି। ପ୍ରତିଦିନ ଏଠାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସନ୍ତି। ସେହି ସ୍ଥାନରେ ନା ଅଛି ବସ୍‌ଷ୍ଟାଣ୍ଡ ନା ଅଛି ଶୌଚାଳୟର ବ୍ୟବସ୍ଥା। ଏହିଭଳି ଅବ୍ୟବସ୍ଥା ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସେହିଭଳି ଗଣିଆ ବ୍ଲକର ମୁଖ୍ୟ ଛକଠାରେ ବସ୍‌ଷ୍ଟାଣ୍ଡ ନ ଥିବା ସହ ଆଶ୍ରୟସ୍ଥଳୀ ମଧ ନାହିଁ। ବଜାର ଉପରେ ଗାଡ଼ି ରହୁଛି। ସମାନ ଅବସ୍ଥା ଭାପୁର, ରଣପୁର ବ୍ଲକରେ। ନୂଆଗାଁ ଦେଇ ୫୭ ନଂ.ଜାତୀୟ ରାଜପଥ ଯାଇଥିବାରୁ ବସ୍ ଜାତୀୟ ରାଜପଥ ଉପରେ ରହୁଛି। ଦଶପଲ୍ଲାରେ ବସ୍‌ଷ୍ଟାଣ୍ଡ ନ ଥିବା ବେଳେ ପ୍ରାୟ ୨ ବର୍ଷ ତଳେ ଘରୋଇ ବସ୍ ମାଲିକ ସଂଘ ତରଫରୁ ଏକ ଆଶ୍ରୟସ୍ଥଳ ଖୋଲାଯିବା ସହ ନିକଟସ୍ଥ ଏକ ଫାଙ୍କା ସ୍ଥାନରେ ବସ୍‌ଗୁଡ଼ିକ ରଖୁଛନ୍ତି। ଓଡ଼ଗାଁ ବ୍ଲକ ମୁଖ୍ୟାଳୟଠାରେ ବସ ରହଣି ପାଇଁ ଏକ କ୍ଷୁଦ୍ର ଜାଗା ରହିଛି। ଫଳରେ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି। ନୟାଗଡ଼ ଘରୋଇ ବସ୍ ମାଲିକ ସଂଘର ଜଣେ କର୍ମକର୍ତ୍ତା କୁହନ୍ତି, ଏ ନେଇ ବାରମ୍ବାର ପ୍ରଶାସନକୁ ଅବଗତ କରାଇଲେ ମଧ କୌଣସି ସୁଫଳ ମିଳୁନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।





ସହର ମଝିରେ ଏକ ବସ୍ ଅଟକି ରହିଛି।

■ଯେଉଁଠି ପାରିଲେ ସେଇଠି ରଖାଯାଉଛି ବସ୍
■ଦେଖାଦେଉଛି ଟ୍ରାଫିକ୍ ସମସ୍ୟା